Annual Subscription Rs. 40.00 only

ମାସିକ ଶିକ୍ଷା ଓ ସଂଗଠନ ପତ୍ରିକା

ଊନବିଂଶ ବର୍ଷ ◆ ଷଷ୍ଠ ସଂଖ୍ୟା ◆ ନଭେମ୍ବର ୨୦୦୯

We want a race that has no ego, that has in the place of ego the Divine Consciousness.

(11/307) - **The Mother**

*ଆମେ ଚାହୁଁ ଏକ ଅହଂଶୂନ୍ୟ ଜାତି, ଯାହାର ଅହଂ ପରିବର୍ତ୍ତେ ରହିବ ଦିବ୍ୟ ଭାଗବତ ଚେତନା ।*

– ଶ୍ରୀମା

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

## ୫ ଏବଂ ୯ ଡିସେମ୍ବର ୨୦୦୯



ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ୫୯ତମ ପବିତ୍ର ମହାପ୍ରୟାଣ ଦିବସ (୫.୧୨.୨୦୦୯) ଏବଂ ମହାସମାଧି ଦିବସ (୯.୧୨.୨୦୦୯) ନିମନ୍ତେ **'ମାତୃଭବନ ପତ୍ର'** ଓଡ଼ିଶାର ମାତୃସନ୍ତାନମାନଙ୍କ ସହିତ ପ୍ରଭୁଙ୍କ ଶ୍ରୀଚରଣରେ ବିନୀତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।

# ବାବାଜି ମହାରାଜଙ୍କ ପତ୍ରାବଳୀ.......

**୧.୧୨.୯୩ :** ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଆପଣଙ୍କ ଚିଠି ପାଇଲି। ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମାଧିରେ ନିବେଦନ କଲି। ତାଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ଏହି ପତ୍ରରେ ପଠାଉଅଛି।

ମା'ଙ୍କ କୃପାରୁ ଡାଳିଯୋଡ଼ା ଆଶ୍ରମର ସବୁ କାମ ଭଲରେ ଚାଲିଛି। ଖୁବ ଭଲ। ପଠାଇଥିବା ୧୫ କେ.ଜି ଅରୁଆ ଚାଉଳ ପାଇଲି। ଏହି ଚାଉଳ ଛଅମାସ ଯିବ। ବର୍ଷରେ ତିରିଶ କେ.ଜି ଚାଉଳ ଲାଗିବ। ଛଅ ମାସପରେ ଆଉ ୧୫ କେ.ଜି ପଠାଇବେ। ଭଉଣୀ 'ଏ' ଏକ ମାସ ପରେ ଡାଳିଯୋଡ଼ା ଆଶ୍ରମ ଯିବେ ଏବଂ ଆଶ୍ରମ କାର୍ଯ୍ୟରେ ସାହାଯ୍ୟ କରିବେ। ଭବିଷ୍ୟତରେ ଡାଳିଯୋଡ଼ା ଆଶ୍ରମ ଭାରତ ବର୍ଷର ଗୋଟିଏ ଆଦର୍ଶ ଆଶ୍ରମ ହେବ। ଧାନ ଇତ୍ୟାଦି କାର୍ଯ୍ୟ ଭଲରେ ହେଉଛି। ଆଖୁ ମଧ୍ୟ ଭଲ ହୋଇଛି। କାଜୁ ଭଲ ହେଉଛି। ଏହା ମା'ଙ୍କ କୃପା। ବାକି ସବୁ କାମ ଅଡୁଆ ଚାଲିଗଲା ଭଲ ହେଲା। ଯେଉଁ କେଶଟି ସମାଧାନ ହୋଇନାହିଁ, ତା ସକାଶେ ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ଚେଷ୍ଟା କରନ୍ତୁ। ସମସ୍ତ ସାଧକ ଭାଇମାନଙ୍କୁ ଶ୍ରୀମା'ଙ୍କ ଆଶୀର୍ବାଦ।



**୨୭.୧୧.୮୬ :**ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ସମସ୍ତ ସାଧକ ଭାଇମାନଙ୍କୁ ଶ୍ରୀମା'ଙ୍କ ଆଶୀର୍ବାଦ। ତୟାରି ହେଉଥିବା ଘର ବୋଧହୁଏ ପୁରା ହୋଇସାରିଥିବ। 'ଦ'ଙ୍କ ପରିବା ଚାଷରେ ଆୟ ଅପେକ୍ଷା ବ୍ୟୟ ଅଧିକ କିମ୍ବା ସମାନ (ମୁଁ ଠିକ ବୁଝି ପାରିଲି ନାହିଁ) ହୋଇଥିବାରୁ ତାଙ୍କ ମନରେ କଷ୍ଟ ହୋଇଛି। ଚାଷରେ କେବେ ବହୁତ ଲାଭ କେବେ କିଛି ହାନି ହୁଏ। ସେ ସକାଶେ ଚିନ୍ତା କରିବାର କ'ଣ ଅଛି ? ଦୁଃଖ କରିବାର କ'ଣ ଅଛି ? ଏହି ସବୁ କାର୍ଯ୍ୟ କଲେ ଅଭିଜ୍ଞତା ହୁଏ ଏବଂ ପରେ ଲାଭ ହୁଏ। ସେ ସକାଶେ 'ଦ' ଦୁଃଖ ନକରି ପରିବା ଚାଷ ବରାବର କରନ୍ତୁ। ତାଙ୍କୁ ବୁଝେଇ ଦେବେ। ସେ ବରାବର ପରିବା ଚାଷ କରନ୍ତୁ। ମା'ଙ୍କ କୃପାରୁ ଆଶ୍ରମରେ ସବୁ ସାଧକ ଭାଇମାନେ ନିଜ ନିଜ କାର୍ଯ୍ୟ ଆନନ୍ଦରେ କରି ଶାନ୍ତିରେ ଥିବେ।

**୨୬.୧୧.୮୬ :** ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଅନାଦି ବାବୁ ସର୍ଭିସ ଛାଡ଼ି ମା'ଙ୍କ କାର୍ଯ୍ୟ ମଧୁବାବୁ ଯେପରି କରୁଥିଲେ ସେହିପରି କରିବେ ଏବଂ ଡାଳିଯୋଡ଼ା ଆଶ୍ରମରେ ରହିବେ। ତାଙ୍କ ରହିବା ସକାଶେ ସ୍ଥାନ ଦେବେ ଏବଂ ସେ ଯେତେ ଦିନ ସେଠାରେ ରହିବେ ତାଙ୍କ ଭୋଜନର ବ୍ୟବସ୍ଥା କରିବେ। ଅର୍ଥାତ ଜଣେ ସାଧକ ରୂପେ ସେ ରହିବେ।

**୭.୧୧.୮୬ :** ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଆପଣଙ୍କ ପତ୍ର ପାଇଲି। ଆପଣ ଭଲରେ ପହଞ୍ଚିଛନ୍ତି ଜାଣି ଖୁସି ହେଲି। ଘର ତୟାରି କାମ ଚାଲିଥିବ।

ଡାଳିଯୋଡ଼ା ଆଶ୍ରମ ଘର ତୟାରି ସକାଶେ ଜମା ହୋଇଥିବା ପ୍ରେସ ଟଙ୍କାରୁ ଉଧାର ଆଣି ଘର କାମରେ ଲଗାଇ ପାରନ୍ତି। ମା'ଙ୍କ କୃପାରୁ ହୋଇଯିବ। ସମସ୍ତ ଆଶ୍ରମ ସାଧକ ଭାଇମାନଙ୍କୁ ଶ୍ରୀମା'ଙ୍କ ଆଶୀର୍ବାଦ।

*ଆପଣଙ୍କର ଶୁଭଚିନ୍ତକ*

*ଶ୍ରୀ ରାମକୃଷ୍ଣ ଦାସ*

# କଥାରେ କଥାରେ...

ଜଣେ ଦାଦାଙ୍କୁ ପଗ୍ଭରିଲେ, ଦାଦା, ଆପଣ ପ୍ରଥମ ଯେତେବେଳେ ଆଶ୍ରମ ଆସିଥିଲେ ସେତେବେଳେ ଆଶ୍ରମ କ'ଣ ବର୍ତ୍ତମାନ ଭଳି ଥିଲା ? ଦାଦା କହିଲେ, ଆଶ୍ରମର ମେନ୍ ବିଲ୍ଡିଂର କଥା କହୁଛ ? ହଁ, ପ୍ରାୟ ଏହିଭଳି ଥିଲା। ଶୁଣିଛି ଗ୍ଭରିଟା ଅଲଗା ଅଲଗା ଘର ଥିଲା। ସେଗୁଡ଼ିକ ଗୋଟିଏ ଗୋଟିଏ କିଣି ଗ୍ଭରି ଦିଗକୁ ଯୋଡ଼ି ବର୍ତ୍ତମାନର ଅବସ୍ଥାରେ ପହଞ୍ଚିଛି। ତେବେ ଆଶ୍ରମର ଅଗଣା ମାଟିର ଥିଲା। ମୁଁ ଯେତେବେଳେ ୧୯୪୨ ମସିହାରେ ପ୍ରଥମେ ଆସିଲି ସେତେବେଳେ ସିମେଣ୍ଟ ବନ୍ଧେଇ କାମ ଆରମ୍ଭ ହୋଇଥିଲା। ଆଚ୍ଛା ଦାଦା, ସେବାବୃକ୍ଷ କ'ଣ ଥିଲା ? ଦାଦା କହିଲେ, ହଁ, ସର୍ଭିସ ଟ୍ରି ସେତେବେଳେ ପୋତା ହୋଇଥିଲା। ଅମ୍ବୁଭାଇ ଓ ଦ୍ୟୁମନଭାଇ ସେଠାରେ ସାର ଦେଇ ଗୋଟିଏ ସେବାବୃକ୍ଷର ଗ୍ଭରା ଲଗେଇଥିଲେ। ସେତେବେଳେ ଗଛଟି ବଢୁଥିଲା। ଏତେ ଡାଳ ଠେସ ଦିଆଯାଇନଥିଲା। ଏତେ ବଡ଼ ହୋଇନଥିଲା। ଗଛଟି ମା'ଙ୍କର ବହୁତ ପ୍ରିୟ ଥିଲା। ଚଲା ବୁଲା କରିବା ସମୟରେ ଲୋକମାନଙ୍କର ମୁଣ୍ଡରେ ଗଛର ଡାଳଗୁଡ଼ିକ ବାଜୁଥିଲା। କେହି କେହି ନଳିନୀଦାଙ୍କ ପାଖକୁ ଯାଇ କହୁଥିଲେ, ଗଛଟିର ଡାଳପତ୍ର ଚଲା ବୁଲା କରିବା ସମୟରେ ମୁଣ୍ଡରେ ବାଜୁଛି। ସେଗୁଡ଼ିକ କାଟିଦେଲେ ଭଲ ହୁଅନ୍ତା। ନଳିନୀଦା ଶୁଣିବା ପରେ କହିଲେ, ବାପରେ, ସେହି ଗଛର ଡାଳ କାଟିଲେ ଆଉ ରକ୍ଷାନାହିଁ। ମା' ଆମ୍ଭମାନଙ୍କୁ କାଟି ଦେବେ। କିନ୍ତୁ ଅନ୍ୟ ଦୃଷ୍ଟିରେ ଏହା ଅତି ଉତ୍ତମ। ଗ୍ଭଲିବା ସମୟରେ ସେହି ଜାଗାରେ ମୁଣ୍ଡ ତଳକୁ କରି ଗଲେ ହେଲା। ସେଥିରେ ଅନ୍ତତଃ ଶ୍ରଦ୍ଧା ସମ୍ମାନ ଜଣାଇବାର ଅଭ୍ୟାସଟି ହେବ।

xxx

ଦାଦା କହିଲେ, ମା' ଶ୍ରୀଅରବିନ୍ଦଙ୍କର ଏହି ଯୋଗ ପୂର୍ଣ୍ଣ ରୂପାନ୍ତରର ଯୋଗ। ପ୍ରକୃତିର ଯେତେ ଅଜ୍ଞାନ ଅଶୁଦ୍ଧିକୁ ତ୍ୟାଗ କରି ଉଦାସୀନ ହୋଇ ଏକ ଉର୍ଦ୍ଧ୍ୱଚେତନାରେ ଉପନିତ ହେବା, ଏଥିରୁ ମୁକ୍ତି ବା ନିର୍ବାଣ ଲାଭ କରିବା ଏହି ଯୋଗର ଉଦ୍ଦେଶ୍ୟ ନୁହେଁ।

ମା' ଶ୍ରୀଅରବିନ୍ଦ ଇଚ୍ଛା କରିଥିଲେ, ଅଜ୍ଞାନର ନିମ୍ନପ୍ରକୃତିର ସକଳ ଅଶୁଦ୍ଧିକୁ ରୂପାନ୍ତରିତ କରି ତାକୁ ଚିନ୍ମୟ ସତ୍ୟରେ ପରିଣତ କରିବା। ଜୀବନକୁ ଭାଗବତ ଜୀବନରେ, ଦିବ୍ୟଜୀବନରେ ପରିଣତ କରିବା। ଏହାକୁ ତ୍ୟାଗ କରି ଉଦାସୀନ ହେଲେ ତାହା ହେବ ନାହିଁ। ଏହା ଭିତରେ ପ୍ରବେଶକରି ଏହାକୁ ଶୁଦ୍ଧ କରି ତୋଳିବା। ଏହା ଯେପରି ନରକକୁ ଯାଇ ନରକକୁ ସ୍ୱର୍ଗରେ ପରିଣତ କରିବା ଭଳି। ମା' କହିଥିଲେ ଯେ, ଶ୍ରୀଅରବିନ୍ଦ ଶିବଙ୍କ ଧାରାର। ଶିବ ରୂପାନ୍ତରର ଦେବତା। ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟ ସେହି ଧାରାର।

xxx

ଜଣେ ପ୍ରଶ୍ନ କଲେ, ଦାଦା, ଆମେ ଶୁଣିଛୁ, ଶ୍ରୀଅରବିନ୍ଦ ଆପଣଙ୍କର ଶରୀରର ଗଠନ ସୌଷ୍ଠବର ଖୁବ ପ୍ରଶଂସା କରୁଥିଲେ ? ଦାଦା ନିଜର ପ୍ରଶଂସାର କଥା କହିବାକୁ ଟିକିଏ

ଯେମିତି ଇତଃସ୍ତତଃ ହେଉଥିଲେ। ଆମ୍ଭମାନଙ୍କର ଆଗ୍ରହ ଓ ଆଶା ଦେଖି କିଛିଟା ଅନିଚ୍ଛା ସତ୍ତ୍ୱେ ଶେଷକୁ କହିଲେ, ହଁ, ସେହି ଭଳି। ଦିନେ ମା' ମୋତେ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଯାଇଥିଲେ। ପରଦିନ ମା' ମୋତେ କହିଲେ, ଶ୍ରୀଅରବିନ୍ଦ ତୁମର ଶରୀରର ଗଠନ ସୌଷ୍ଠବ ଦେଖି ବହୁତ ବହୁତ ଖୁସୀହେଲେ। ଶ୍ରୀଅରବିନ୍ଦଙ୍କର ନିଜ ଶରୀର ସମ୍ବନ୍ଧରେ ସେମିତି ପସନ୍ଦ ନଥିଲା। ସେ ଶ୍ରୀକୃଷ୍ଣଙ୍କ ଶରୀର ଗଠନକୁ ବହୁତ ପ୍ରଶଂସା କରୁଥିଲେ। ଶ୍ରୀଅରବିନ୍ଦ ତୁମ ଶରୀର ଦେଖି ମଧ ଖୁବ ପସନ୍ଦ କରିଛନ୍ତି। ଆମ୍ଭେମାନେ କହିଲୁ, ଦାଦା, ମା କ'ଣ କ'ଣ କହିଥିଲେ ଆପଣ ଟିକିଏ ଲେଖି ଦିଅନ୍ତୁ। ସେତେବେଳେ ମା' ଦାଦାଙ୍କୁ ଯାହା କହିଥିଲେ ସେହି କଥାଗୁଡ଼ିକ ଦାଦା ଲେଖି ଦେଲେ – "Sri Aurobindo was enthusiastic about your body. He never liked his body. He was always praising Sri Krishna's body. He liked your body very much."

*ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ*

*ଅନୁବାଦ : ନୀତା*

✦

## ମାତୃଭବନ ପତ୍ର ସମ୍ପର୍କରେ

ଯେଉଁ ବନ୍ଧୁମାନଙ୍କର ଆସନ୍ତା ଜାନୁୟାରି ମାସ ସୁଦ୍ଧା ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ଚାଳିଶ ଟଙ୍କା ମାତ୍ର ଡିସେମ୍ବର ମାସ ସୁଦ୍ଧା** ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି।

**ପରିଚାଳକ**

ମୋର ଦେବ-ସ୍ୱରୂପ ବିସର୍ଜନ କରି ମୁଁ ଏହି ଜଘନ୍ୟ ପୃଥିବୀ ଉପରେ ଅବତରଣ କରି ଆସିଛି - ଜନ୍ମ ଓ ମୃତ୍ୟୁ ଏହି ଦୁଇ ଆବରଣ ମଧ୍ୟରେ। ହୋଇଉଠିଛି ଜ୍ଞାନହୀନ, ଶ୍ରମକ୍ଷୀଣ ଓ ମନୁଷ୍ୟରୂପୀ। କର୍ଦ୍ଦମ ଓ କଳୁଷର ବିଭୀଷିକା ମଧ୍ୟରେ ଦୀର୍ଘକାଳ ଧରି କ୍ରମଶଃ ଗଭୀରକୁ ଖୋଳି ଚାଲିଛି। ମୁଁ ଚାହିଁଛି ସ୍ୱର୍ଣ୍ଣମୟୀ ତଟିନୀର ସଙ୍ଗୀତ ନିମିତ୍ତ ଗୋଟିଏ ଧାରା, ଶାଶ୍ୱତ ଅଗ୍ନି ନିମିତ୍ତ ଏକ ନିବାସଭୂମି।

**– ଶ୍ରୀଅରବିନ୍ଦ**

# ନବ ବର୍ଷର ସଙ୍କଳ୍ପ

ମା'ଙ୍କର ସେବର୍ଷ ନବବର୍ଷର ବାଣୀ ହେଲା "ପୃଥିବୀ ଏକ ବିପୁଳ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି, ତମେ ସାହାଯ୍ୟ କରିବକି ?" ପ୍ରତ୍ୟେକ ବର୍ଷର ଆରମ୍ଭରେ ଯେଉଁସବୁ ନୂତନ ନୂତନ ବାଣୀ ଦେଇ ମା' ସମଗ୍ର ପୃଥିବୀ, ମାନବ ସମାଜ ଓ ସେହି ଆଗନ୍ତୁକ ନୂତନ ବର୍ଷଟି ଉପରେ ପ୍ରେମ ଓ ଆଶିଷର କଲ୍ୟାଣମୟୀ ଧାରା ଢ଼ାଳି ଦିଅନ୍ତି, ଏହିସବୁ ବାଣୀ ମାଧ୍ୟମରେ ସେମାନଙ୍କ ଭିତରେ ଦିବ୍ୟସତ୍ୟ ପାଇଁ ଯେଉଁ ଆସ୍ପୃହା, ସଙ୍କଳ୍ପ ଓ ଶକ୍ତିକୁ ଜାଗ୍ରତ କରନ୍ତି ସେସବୁ ଦିବ୍ୟ ରହସ୍ୟର ଗଭୀରତା କିଏ କଳନା କରିବ ? ସେହି ଦିବ୍ୟ ବାଣୀର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିବାର ଧୃଷ୍ଟତା ନକରି ଆମେ କେବଳ ଏଠାରେ ମା'ଙ୍କର କେତେକ ପୂର୍ବର ଆଲୋଚନା ମନେପକାଉଛୁ।

ପରିବର୍ତ୍ତନ କହିଲେ ସାଧାରଣତଃ ଲୋକମାନେ ବାହାରର କେତେକ ପରିବର୍ତ୍ତନକୁ ହିଁ ବୁଝନ୍ତି। ପରିବର୍ତ୍ତନ ସମ୍ପର୍କରେ ସେମାନଙ୍କର ଧାରଣା କେବଳ ବାହ୍ୟ ଆକାର ପ୍ରକାରରେ କେତେକ ପରିବର୍ତ୍ତନ, ରାଜନୈତିକ, ଭୌଗୋଳିକ ମାନଚିତ୍ରର କେତେକ ପରିବର୍ତ୍ତନ ବା ଅତି ବେଶୀରେ ସମାଜ ଓ ଶାସନ ବ୍ୟବସ୍ଥାର ବା ସଭ୍ୟତା ଓ ସଂସ୍କୃତିର କେତେକ ପରିବର୍ତ୍ତନ ଭିତରେହିଁ ସୀମାବଦ୍ଧ। ମାନବ ସଭ୍ୟତାର ଇତିହାସ ଆରମ୍ଭରୁ ଆଜିଯାଏ ଏହିପରି ଅସଂଖ୍ୟ ପରିବର୍ତ୍ତନ ହୋଇଗଲାଣି; ପୃଥିବୀ ଉପରେ ଗୋଟିକ ପରେ ଗୋଟିଏ କେତେ ଧର୍ମ; କେତେ ସଭ୍ୟତା ଓ ସଂସ୍କୃତିର ଉତ୍‌ଥାନ ପତନ ଓ ବିଲୟ ହୋଇଗଲାଣି, କେତେ ଯୁଦ୍ଧ, କେତେ ରାଜ୍ୟ ଜୟ, କେତେ ବିପ୍ଳବ ହୋଇଗଲାଣି। କିନ୍ତୁ ଏହିସବୁ ତଥାକଥିତ ପରିବର୍ତ୍ତନ ଦ୍ୱାରା ମଣିଷର କ'ଣ ପରିବର୍ତ୍ତନ ହୋଇଛି ବୋଲି ଦେଖାଯାଏ ତେବେ ଦେଖାଯିବ ସେଇ ଆଦିମ ଯୁଗର ମଣିଷ ଓ ଆଜିର ମଣିଷ ଭିତରେ ମୌଳିକ ଭାବରେ କିଛି ତଫାତ୍ ନାହିଁ। ସେଦିନର ପୃଥିବୀ ଓ ମଣିଷ ଉପରେ ହିଂସା, ଦ୍ୱେଷ, କାମନା-ବାସନା ଓ ଲୋଭ-ମୋହର ଯେତିକି କର୍ତ୍ତୃତ୍ୱ ଥିଲା, ଆଜି ମଧ୍ୟ ଏହିସବୁ ଅନ୍ଧକାର ଶକ୍ତିର ରାଜତ୍ୱ ସେହିପରି ଅଖଣ୍ଡ ରହିଛି। ଜରା, ରୋଗ ଓ ମୃତ୍ୟୁ ଆଗରେ ମଣିଷର ସ୍ୱଭାବର ଏକ ପରିବର୍ତ୍ତନ ବୋଲି କୁହାଯିବ ନାହିଁ ବା ଅସ୍ତ୍ରୋପଚାରରେ ହୃତ୍‌ପିଣ୍ଡ ରୋପଣର ସାଫଲ୍ୟକୁ ମୃତ୍ୟୁ ଉପରେ ବିଜୟ ବୋଲି କୁହାଯିବ ନାହିଁ। କୌଣସି ସତ୍ୟଦ୍ରଷ୍ଟା ଆଧ୍ୟାତ୍ମିକ ପଥପ୍ରଦର୍ଶକ ଯେଉଁ ପରିବର୍ତ୍ତନ କଥା କୁହନ୍ତି ତାହା କେବଳ ଉପର ଚେହେରାର ପରିବର୍ତ୍ତନ ନୁହେଁ, ସେ ଏପରି ଏକ ପରିବର୍ତ୍ତନ କଥା କୁହନ୍ତି ଯାହା ପୃଥିବୀ ଓ ମଣିଷର ସ୍ୱଭାବ ବା ପ୍ରକୃତିର ମୂଳ ଗଠନରେହିଁ ଏକ ପରିବର୍ତ୍ତନକୁ ବୁଝାଏ। ସେ କୁହନ୍ତି ଭିତରର ଏପରି ଏକ ପରିବର୍ତ୍ତନ ବିଷୟରେ ବାହାରର ସମସ୍ତ ପରିବର୍ତ୍ତନ ଯାହାର ଅନିବାର୍ଯ୍ୟ ପରିଣତି ମାତ୍ର। ସେ କୁହନ୍ତି ପୁରାତନ ପୃଥିବୀର ସମ୍ପୂର୍ଣ୍ଣ ନୂଆ ଏକ ପୃଥିବୀକୁ ପରିବର୍ତ୍ତନ ଓ ରୂପାନ୍ତର ସମ୍ପର୍କରେ। ଥରେ ମା' ଏ ବିଷୟରେ କହିବାକୁ ଯାଇ କହିଥିଲେ :

"ଶ୍ରୀଅରବିନ୍ଦ କୁହନ୍ତି ଏହି ନୂତନ ପଦକ୍ଷେପ ପ୍ରକୃତରେ ହେବ ଗୋଟିଏ ଜଗତର ଆଉ ଏକ ଜଗତକୁ ପରିବର୍ତ୍ତନ। କାରଣ ଆଜି ପର୍ଯ୍ୟନ୍ତ ସମସ୍ତ ସୃଷ୍ଟି 'ନିମ୍ନ ଗୋଲାର୍ଦ୍ଧର ଅନ୍ତର୍ଭୁକ୍ତ, ଯାହା ଅଜ୍ଞାନଦ୍ୱାରା ଚାଳିତ ଏବଂ

ନିଶ୍ଚେତନା ହିଁ ଯାହାର ଭିତ୍ତି। କିନ୍ତୁ ଅନ୍ୟ ଜଗତଟି ହେବ ଠିକ୍ ଏହାର ଓଲଟା, ଏହା ହେବ ସମ୍ପୂର୍ଣ୍ଣ ଭିନ୍ନ ଏକ ଜଗତ, ଅଜ୍ଞାନ ଉପରେ ଭିତ୍ତି ନକରି ଏହା ପ୍ରତିଷ୍ଠିତ ହେବା ସତ୍ୟର ଭିତ୍ତି ଉପରେ। ସେଇଥିପାଇଁ ଏହା ଯଥାର୍ଥରେ ହେବ ଏକ ନୂତନ ପୃଥିବୀ।"

"Sri Aurobindo says also that this new step will really be the change of one world into another, because till now all creation belong to what he calls "the lower hemisphere" which is ruled by Ignorance and is based on the Inconscient where as the other will be a total reversal; it will belong to a world altogether different; instead of being based on Ignorance it will be based on Truth. That is why it would be truly a new world."

(କ୍ରମଶଃ)

ବିଶ୍ୱମ୍ବର ସାମନ୍ତ


**SRI AUROBINDO UNIVERSITY**

SRI AUROBINDO SHREEKSHETRA, DALIJODA, PO – KARANJI, DIST – CUTTACK – 754022

**Phone : 9437023407, 9437385863, 9437120220**

E-mail matrubhaban@bsnl.in Web:www.motherorissa.com

**Dear Friends,**

**Namaskar.**

**Sri Aurobindo Shreekshetra , Dalijoda will bring out a souvenir on the occasion of** the centenary celebrations of Babaji Maharaj . There will be a section on Sri Aurobindo University describing its aim and ideal. **I take this opportunity to request you to write an article on the topic of your choice relating to the occasion and submit it latest by 31st January, 2010 for printing.**

**Prasad Tripathy**

*Convenor*

# ଏବେବି ମନେପଡ଼େ.....

## ତାଙ୍କ ସ୍ୱର୍ଗରାଜ୍ୟ ଆଉ କେତେ ଦୂର !

କଟକ ଛାଡୁଛାଡୁ ସେଦିନ ରାତି ୧୦.୪୦ ହୋଇଗଲା। ଗୋଟିଏ ବଡ଼ ଲାଇନ୍ ବସ୍ ରିଜର୍ଭ ହୋଇଥାଏ। ପାଖ ପାଖ ବିଭିନ୍ନ ସ୍କୁଲରୁ ପ୍ରାୟ ୭୫ ଜଣ ଛାତ୍ରୀ ଏବଂ ସେମାନଙ୍କର ଅପାମାନେ ଯାଉଥା'ନ୍ତି କଇନିପୁରା। ଚତୁର୍ଦ୍ଦଶ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀ ସମ୍ମିଳନୀରେ ଯୋଗଦେବା ନିମନ୍ତେ। ବସ୍‌ରେ ସମସ୍ତଙ୍କୁ ଯାଗା ନହେବାରୁ ମାତୃଭବନ ସ୍କୁଲ ବସ୍‌ଟି ମଧ୍ୟ ନେବାକୁ ହେଲା। କଟକରୁ ସମସ୍ତେ ଖାଇପିଇ ଯାଉଥାଉ। ପହଞ୍ଚୁ ପହଞ୍ଚୁ ରାତି ଗୋଟାଏ। ବଡ଼ ବସ୍‌ର ଡ୍ରାଇଭର କଣ୍ଡକ୍ଟର ବାଟରେ ଖାଇବା ପାଇଁ ରହିଗଲେ। ତେଣୁ ସେମାନେ ଟିକିଏ ବିଳମ୍ବରେ ପହଞ୍ଚିଲେ। ଆମେ ମାତୃଭବନ ସ୍କୁଲ ବସ୍‌ରେ ମାତୃଭବନ ପିଲା ଏବଂ ଗନାଇଲୋ ସ୍କୁଲ ପିଲାମାନେ ଏକାଠି ଯାଇଥାଉ।

ରାତି ଗୋଟାଏ ବେଳେ କଇନିପୁରା ସ୍କୁଲ ଗେଟ୍ ପାଖରେ ପହଞ୍ଚିବା ବେଳକୁ ଶାନ୍ତିଭାଇ ଗୋଟିଏ ବ୍ୟାଗ୍ କାନ୍ଧରେ ପକାଇ ଠିଆ ହୋଇଥା'ନ୍ତି। ଗେଟ୍ ପାଖରେ କିଛି କାମ ଚାଲୁଥାଏ। ଡେକୋରେଟର ତା'ର କାମ ପ୍ରାୟ ସାରିଆସୁଥା'ନ୍ତି। ଗେଟ ତିଆରି ଚାଲିଥାଏ। ଅନ୍ୟମାନେ ଓହ୍ଲାଇବା ପରେ ମୁଁ ସବାଶେଷରେ ଓହ୍ଲାଇ ଯେମିତି ସ୍କୁଲ ଭିତରେ ପାଦ ଦେଇଛି ମତେ ସତରେ ଲାଗିଲା - ଏ ଆଉ ଏକ ସ୍ୱର୍ଗ କି ? ଭିତରଟା କେମିତି ଗୋଟିଏ ଅଜଣା ଆନନ୍ଦରେ ପୁଲକିତ ହୋଇଗଲା। ଶାନ୍ତିଭାଇଙ୍କୁ ଦେଖି କହିପକାଇଲି, ଭାଇ, ଆପଣ ଏତେ ରାତିଯାଏ କାମ କରୁଛନ୍ତି ? ଶାନ୍ତି ଭାଇ କହିଲେ, ସମସ୍ତେ ଥିଲେ, ଏଇ ଅଳ୍ପ ସମୟ ହେଲା ସବୁ ଯାଇଛନ୍ତି। ସମସ୍ତେ ଲାଗିଯିବାରୁ କାମଗୁଡ଼ିକ ହୋଇଗଲା ନା! ଏହା କହି ସେ ହଷ୍ଟେଲ ପଛରେ ତିଆରି ଚାଲିଥିବା ପାଇଖାନା ଗାଧୁଆ ଘରକୁ ଗଲେ। ସେଠାରେ ମଧ୍ୟ ମିସ୍ତ୍ରୀ-ମୂଲିଆ ଲାଗିଥାନ୍ତି। ମୁଁ ଆନନ୍ଦରେ ଅଭିଭୂତ ହୋଇ ପିଲାମାନଙ୍କ ସାଙ୍ଗରେ ସେମାନଙ୍କ ରହିବା ସ୍ଥାନ ଦେଖିବାକୁ ଗଲି। ପିଲାମାନେ ସିଧାସିଧା ହଷ୍ଟେଲ ଛାତ ଉପରକୁ ଚାଲିଲେ। ତଳେ ଏତେ ସ୍ଥାନ ଥାଉଁଥାଉଁ ଛାତ ଉପରେ କାହିଁକି ରହିବେ ବୋଲି ମୁଁ ଦେଖିବାକୁ ଗଲି। ସେଠାରେ ବି କ'ଣ ଦେଖିବ ? କୋଉଥିରେ ଊଣା ନାହିଁ। ଚମତ୍କାର ଡେକୋରେସନ। ନୂଆ ଦରି ଉପରେ ଗଦି ଚାଦର ତକିଆ ଏବଂ ସମସ୍ତଙ୍କ ପାଇଁ ନୂଆ କମ୍ବଳ ସଜାଇ ରଖାଯାଇଛି। ମୁଁ ନିଜକୁ ବିଶ୍ୱାସ କରିପାରୁନଥାଏ। ଲକ୍ଷ୍ମୀକୁ ଖୋଜିଖୋଜି ତଳକୁ ଆସିଲି। କେହି ବି ଶୋଇ ନଥାନ୍ତି। ତଳେ ଗୀତୁ, ପ୍ରିୟମ୍ବଦା, ମାନସୀ ପ୍ରଭୃତିଙ୍କୁ ଦେଖିଲି। ନିରୋଳା ହସଟିମାନ ମୁହଁରେ। ଅତି ଖୁସୀହୋଇ ସ୍ୱାଗତ କରୁଥା'ନ୍ତି। ପ୍ରିୟମ୍ବଦାକୁ ତା'ର ଖାଦ୍ୟ ମିଳିଗଲା ପରି ଲାଗିଲା। ତା'ର ଦାୟିତ୍ୱ ଅତିଥି ଚର୍ଯ୍ୟା। ତେଣୁ ସେ ଲାଗିଗଲା ଆମେ କେଉଁଠି ରହିବୁ ଏବଂ ଅନ୍ୟାନ୍ୟ ଅନୁସଙ୍ଗିକ କାର୍ଯ୍ୟପାଇଁ। (ପରେ ଶୁଣିଲି

ପ୍ରିୟମ୍ବଦା ଦୁଇଦିନ ସମ୍ମିଳନୀ ଭିତରେ ଅତିଥିମାନଙ୍କ ଦାୟିତ୍ୱ ବୁଝୁବୁଝୁ ଥରୁଟିଏ ମଧ୍ୟ ସଭାସ୍ଥଳକୁ ଯାଇପାରିନଥିଲା। ତେଣୁ ସମ୍ମିଳନୀ ସରିବାପରେ ପେଣ୍ଡାଲ ଫିଟାହେବା ପୂର୍ବରୁ ଦୌଡ଼ିଯାଇ ଟିକିଏ ପେଣ୍ଡାଲ ଦେଖିଆସିଲା)

ଲକ୍ଷ୍ମୀ ଦିଶୁ ନଥାଏ। କଇନିପୁରା ଅଧ୍ୟକ୍ଷା। ପ୍ରକୃତରେ ସାବୁଳିଆ (ଗଞ୍ଜାମ ଜିଲ୍ଲାର) ଘର। ସାବୁଳିଆ ପାଠଚକ୍ର ଗଞ୍ଜାମ ଜିଲ୍ଲା ନୁହେଁ ସମଗ୍ର ଓଡ଼ିଶାର ଏକ ପ୍ରମୁଖ କେନ୍ଦ୍ର। ସେଠାରୁ ଗୀତା ଏବଂ ଲକ୍ଷ୍ମୀ ଦୁଇଟି ମାତୃକର୍ମୀଙ୍କୁ ମା' ଓଡ଼ିଶାର କାର୍ଯ୍ୟପାଇଁ ସୃଷ୍ଟି କରିଛନ୍ତି। ଦୁଇଜଣ ଯାକ ଶତକଡ଼ା ଶହେ ମାତୃକର୍ମୀ। ସମ୍ପୂର୍ଣ୍ଣ ସମର୍ପିତ। ମାନବୀୟ ଗୁଣମାନଙ୍କର ଦୁର୍ବଳତା ଯେ ସେମାନଙ୍କଠାରେ ନଥିବ ତା' ନୁହେଁ ମାତ୍ର ସେ ଦୁହେଁ ସେସବୁକୁ ଭ୍ରୁକ୍ଷେପ ନକରି ଏପରି ମାତୃକର୍ମରେ ନିୟୋଜିତ ହୋଇଥାନ୍ତି ଯେ ଅନ୍ୟାନ୍ୟ ଦୁର୍ବଳତାମାନେ ସେଠାରେ ସତ୍ତା ହରାଇଥା'ନ୍ତି। ଉଭୟ ସାବୁଳିଆ ଛାଡ଼ି ଆସି କଇନିପୁରାରେ କାର୍ଯ୍ୟ କଲେ। ଲକ୍ଷ୍ମୀ ବୟସରେ ଛୋଟ ଏବଂ ଅଧ୍ୟକ୍ଷା ଦାୟିତ୍ୱରେ ଆଉ ଗୀତା ବୟସରେ ବଡ଼, ସମ୍ପୂର୍ଣ୍ଣ ଧୀର ସ୍ଥିର, ଶାନ୍ତ ଏବଂ ନିର୍ଲିପ୍ତ। ଉଭୟ ଶିକ୍ଷାଦାନ କାର୍ଯ୍ୟରେ ରହିଲେ। ଉଭୟଙ୍କ ଯୋଗଦାନ ପରେ ଅତି ଆଡ଼ମ୍ବିତ ଭାବରେ କଇନିପୁରାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ହେଲେ। ସେ ବିଷୟ ସବୁ ଅନ୍ୟତ୍ର ବର୍ଣ୍ଣନା ହୋଇଛି। ତା'ପରେ ହଠାତ୍ କୌଣସି ଆବଶ୍ୟକତାରୁ ଗୀତାକୁ ସେଇ ଗଞ୍ଜାମର ତଳରାମପଲ୍ଲୀକୁ ପଠାଗଲା। ଅନୁଭବ ହେଉଥିଲା - ଉଭୟ ଯେଉଁ ସାଙ୍ଗ ହୋଇ କାର୍ଯ୍ୟ କରୁଥିଲେ ନିଶ୍ଚୟ ଭାଙ୍ଗି ପଡ଼ିବେ। ପରସ୍ପର ମଧ୍ୟରେ ଆସକ୍ତି ଯେ ନଥିଲା ତା' ନୁହେଁ ମାତ୍ର ମା'ଙ୍କ ପ୍ରତି, ତା'ଙ୍କ କର୍ମ ପ୍ରତି ଆସକ୍ତି ଏତେ ତୀବ୍ର ଥିଲା ଯେ ଅଳ୍ପ କିଛିଦିନ ମଧ୍ୟରେ ଉଭୟ ଉଭୟଙ୍କ ପ୍ରତି ଥିବା ଆସକ୍ତିକୁ କାଟିଦେଇ ପାରିଲେ।

ଲକ୍ଷ୍ମୀକୁ ଖୋଜିଖୋଜି ସଭାପାଇଁ ପ୍ରସ୍ତୁତ ହଲ୍ ଏବଂ ମଞ୍ଚ ପାଖରେ ପାଇଲି। ମୁହଁଟି ଉଜ୍ଜ୍ୱଳ ମାତ୍ର ପାଟି ଫିଟୁନଥାଏ। ତଣ୍ଟି ପଡ଼ିଗଲାଣି। କେତେବେଳେ କ'ଣ ଖାଇଥିଲା- ମନେ ନାହିଁ। ମତେ ଦେଖୁ ଦେଖୁ ପେଣ୍ଡାଲ ଦେଖାଇବାକୁ ଡାକିନେଲା। ଆଗରୁ ସବୁ ମୁହୂର୍ତ୍ତରେ ଫୋନ୍‌ରେ ପଚାରି ବୁଝୁଥାଏ। ଡେକୋରେଟରଙ୍କୁ ଫୋନ୍ ଧରାଇ ମୋଠାରୁ ନିର୍ଦ୍ଦେଶ ନେଉଥାଏ, କେମିତି ପେଣ୍ଡାଲ ହେବ। "ଭାଇ, ଆମେ କେବେହେଲେ ଏତେ ବଡ଼ କାର୍ଯ୍ୟ କରିନୁ। ଆପଣ ଟିକେ ସାହାଯ୍ୟ କରିବେ। ଆପଣ ଆସିବା ତ ସବୁବେଳେ ସମ୍ଭବ ନୁହେଁ ମାତ୍ର ଫୋନ୍ କରି ଆପଣଙ୍କୁ ମଝିରେ ମଝିରେ ହଇରାଣ କରିବି। ବିରକ୍ତ ହେବେନି।" ଓଃ, ବିନମ୍ରତା ଆଉ କାହାକୁ କହନ୍ତେ! ଡେକୋରେଟର ଦୂରରୁ ନମସ୍କାର କରି କହିଲେ, ଭାଇ, ମୁଁ ଆପଣଙ୍କ ସହିତ ଫୋନ୍‌ରେ କଥା ହେଉଥିଲି। ସେ ମଧ୍ୟ ତାଙ୍କର କର୍ତ୍ତୃତ୍ୱ ଦେଖାଇବା ପାଇଁ ମୋତେ ସେଇ ରାତି ପ୍ରାୟ ୨ଟା ବେଳେ ସଙ୍ଗୁଳି ନେଇଗଲେ। ଯେମିତି ମୁଁ ମିଟିଂ ହଲ୍ ମଧ୍ୟରେ ପ୍ରବେଶ କରିଛି- ବାସ୍ତବିକ ମୋତେ ଦେବସଭାର କକ୍ଷ ଭଳି ଲାଗିଲା। କିଏ କ'ଣ ଭାବିଥାଇପାରେ। ତାହା ଯେ କେବଳ ପ୍ରାଚୁର୍ଯ୍ୟରେ ଭରପୁର ଥିଲା ତାହା ନୁହେଁ ମାତ୍ର କଳା ଓ ସୌନ୍ଦର୍ଯ୍ୟର

ସମ୍ଭାରରେ ପରିପୂର୍ଣ୍ଣ ଥିଲା। ମୁଁ ଅନୁଭବ କଲି- ମୋର ସମସ୍ତ ସାମର୍ଥ୍ୟ ସତ୍ତ୍ୱେ ଏପରି ଏକ ପେଣ୍ଡାଲ ତିଆରି କରିବା ପାଇଁ ମୁଁ ଟେଲିଫୋନ୍ କିମ୍ବା ସାକ୍ଷାତରେ ମଧ୍ୟ ବରାଦ କରିପାରି ନଥା'ନ୍ତି। ମାତ୍ର ଅକ୍ଳେଶରେ ସେ ଦୁହେଁ କହି ଚାଲିଥା'ନ୍ତି- ଭାଇ, ଆପଣ ଯେପରି ନିର୍ଦ୍ଦେଶ ଦେଲେ ଆମେ ସେମିତି କରିଚୁ। କେବଳ ମା'ଙ୍କ ଫଟୋ ସଜାଇବା ପାଇଁ ମୋତେ ଅପେକ୍ଷା ରଖିଥିଲେ। ସେତକ ପାଇଁ ମଧ୍ୟ ମୁଁ ସାମାନ୍ୟ ସୂଚନା ଦେଇଦେଲି। ସେମାନଙ୍କର ଧାରଣାର ସାମର୍ଥ୍ୟ ଏତେ ଯେ ସେଠାରେ ଅଧିକ ବତାଇବା କୌଣସି ଆବଶ୍ୟକ ନଥିଲା ବରଂ ସେମାନଙ୍କଠାରୁ ପ୍ରେରଣା ପାଇବା ମୋ ପାଇଁ ସ୍ୱାଭାବିକ ଲାଗିଲା।

ମନେପଡ଼ିଲା, ପ୍ରାୟ ପନ୍ଦରଦିନ ପୂର୍ବରୁ ଦିନେ ସନ୍ଧ୍ୟାବେଳେ ମୁଁ ଆସିଥିଲି ସେଠାରେ ଏହି ସମ୍ମିଳନୀର ପ୍ରସ୍ତୁତି ବିଷୟରେ ଆଲୋଚନା କରିବା ପାଇଁ। ପହଞ୍ଚୁ ପହଞ୍ଚୁ ରାତି ଆଠଟା ଟପିଗଲା। ତଥାପି ଅଧିକାଂଶ ଅପେକ୍ଷା କରିଥା'ନ୍ତି, ଆଲୋଚନା ହେଲା। ଶୁଣି କାବା ହେଲି ମା' କିପରି ନିଜେ ହସ୍ତକ୍ଷେପ କରିଛନ୍ତି। ଆମେ ଜାଣୁ ଯେ ଏହି ସମ୍ମିଳନୀଟି "କିଶୋର ବୟସର ଛାତ୍ରୀମାନଙ୍କ ପାଇଁ" ଅର୍ଥାତ ୧୨ ବର୍ଷରୁ ୧୯ ବର୍ଷ ବୟସର ଛାତ୍ରୀମାନଙ୍କ ପାଇଁ। ସେମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଆଲୋଚନା ଏବଂ ସଚେତନତା ଆବଶ୍ୟକ। ସେଥିପାଇଁ ସ୍କୁଲ ତରଫରୁ ଯେତେବେଳେ ସେମାନେ କେନ୍ଦୁଝରର ଜିଲ୍ଲାପାଳଙ୍କୁ ସାକ୍ଷାତ କରନ୍ତି, ଜିଲ୍ଲାପାଳ ନିଜେ ଜଣେ ମହିଳା, ସଙ୍ଗେ ସଙ୍ଗେ ଜିଲ୍ଲାର ଶିକ୍ଷା ପରିଦର୍ଶକଙ୍କୁ ଡାକି ନିର୍ଦ୍ଦେଶ ଦେଲେ ଯେ ଏହା ଅତି ଜରୁରୀ। ସରକାର ଏଥିପାଇଁ ଅନେକ କାର୍ଯ୍ୟ କରିବା କଥା, ମାତ୍ର କରିପାରୁନାହାନ୍ତି। ସେମାନେ ଘରୋଇ ସଂସ୍ଥା ତରଫରୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି- ତେଣୁ ଜିଲ୍ଲାର ସମସ୍ତ ଶିକ୍ଷାକେନ୍ଦ୍ରକୁ ଚିଠିଦେଇ ବାଳିକାମାନେ ଯେପରି ଯୋଗଦାନ କରିବେ - ନିର୍ଦ୍ଦେଶ ଦିଅନ୍ତୁ। ଠିକ୍ ସେଇଭଳି ବ୍ୟବସ୍ଥା ହେଲା। ସ୍କୁଲ ପରିଦର୍ଶକ (ସର୍କଲ ଇନ୍‌ସପେକ୍ଟର) ଏଥିରେ ଯୋଗଦାନ କରିବା ପାଇଁ ସବୁ ସ୍କୁଲମାନଙ୍କୁ ନିର୍ଦ୍ଦେଶ ଦେଲେ। ତା' ବ୍ୟତୀତ ପ୍ରଭାତ (ଡାଳିଯୋଡ଼ା) ସାଙ୍ଗରେ ଲକ୍ଷ୍ମୀ ପ୍ରଭୃତି ଜିଲ୍ଲାର ଅନେକ ହାଇସ୍କୁଲ ଏବଂ କଲେଜ ଯାଇ ସେଠାରେ ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ ସମ୍ପର୍କରେ ଆଲୋଚନା କରିବା ଅବକାଶରେ ଏଇ ସମ୍ମିଳନୀରେ ଯୋଗଦେବା ପାଇଁ ଅନୁରୋଧ କରିଆସିଥା'ନ୍ତି। ତେଣୁ ସବୁଆଡୁ ବାଳିକାମାନେ ଅନେକ ସଂଖ୍ୟାରେ ଆସିବାର ପୁରାପୁରି ସମ୍ଭାବନା ରହିଥାଏ। ହିସାବ ହେଲା- ଆନୁମାନିକ ୧୦୦୦ ବାଳିକା ଯୋଗଦେବେ। ମୋତେ ଟିକିଏ ଆଶଙ୍କା ହେଲା। ବାଳିକାମାନଙ୍କର ସ୍ୱତନ୍ତ୍ର ଭାବରେ କେତେଗୁଡ଼ିଏ କଥା ଦରକାର। ତାହା ହେଲା ପରିଷ୍କାର ପରିଚ୍ଛନ୍ନତା, ଜଳ ଆଉ ନିରାପତ୍ତା। ମନେମନେ ମା'ଙ୍କୁ ଡାକିଲି - ମା' ପିଲାମାନେ ଭଲରେ ଭଲରେ ଆସି ଭଲରେ ଫେରନ୍ତୁ। ସମ୍ମିଳନୀ ଯାହା ହେଉ ପଛେ ସେମାନଙ୍କର କିଛି ଅସୁବିଧା ନହେଉ। ସେଦିନ ଆଲୋଚନା ପରେ ଅନ୍ୟାନ୍ୟ ଭାଇମାନଙ୍କ ମଧ୍ୟରେ ଲାବଣ୍ୟ ଭାଇ (ବି.ଡ଼ି.ଓ) ବସିଥାଆନ୍ତି। ଏକ ବଜ୍ର ଆଶ୍ୱାସନା। ଯାହା ଅସୁବିଧା ଜଣାଇଲେ - କହୁଥା'ନ୍ତି - ଠିକ୍ ଅଛି କରିଦେବା। ଆରେ,

ଏ କି ଲୋକ, ସବୁକଥାକୁ କରିଦେବା। କହିଲେ ଭାଇ ପାଣି, ଇଲେକ୍ଟ୍ରି, ସାନିଟେସନ, ସବୁ ବ୍ୟବସ୍ଥା କରିଦେବା। ମତେ ସବୁ କେମିତି କେମିତି ଲାଗୁଥାଏ। ଟାଉନ୍‌ଠାରୁ ଏତେ ଦୂର। ସାଙ୍ଗେ ସାଙ୍ଗେ କିଛି ଗୋଟାଏ ଦରକାର ପଡ଼ିଲେ? ପୁଣି ପାଣି ଏତେ ଦରକାର, ହଠାତ୍ ସରିଗଲେ? ଯାହାହେଉ ମା'ଙ୍କୁ ଡାକିବା- ଭଲରେ ଭଲରେ ହୋଇଯାଉ। କାହାରିକୁ ନ କହିଲେ ମଧ ସେଦିନ ମୁଁ କିଛିଟା ମନରେ ଶଙ୍କା ନେଇ କଟକ ଫେରିଲି।

ମାତ୍ର ଏ କି ବ୍ୟବସ୍ଥା ଦେଖୁଛି! ମୁଁ ତ କସ୍ମିନ୍ କାଳେ କଳ୍ପନା କରିପାରିନଥିଲି। ସମାଧି ପାଖରେ ଶାନ୍ତି ଭାଇ ଡାକି ଦେଖାଇଲେ- ନୂଆକରି ପାଇଖାନା, ଗାଧୁଆଘର ତିଆରି। କମ୍ପୁଟର ଘରଟିକୁ ଗେଷ୍ଟ ରୁମ୍ କରି ଗାଧୁଆଘର ଏବଂ ପାଇଖାନା ଆଟାଚ୍ କରି ତିଆରି ହୋଇଛି। ତା' ପଛରେ ଗୁଡ଼ିଏ ନୂଆ ପରିସ୍ରାଗାର। ହଷ୍ଟେଲ ପଛରେ ୧୨ଟି ନୂଆକରି ତିଆରି ହୋଇଥିବା ପାଇଖାନା, ଗାଧୁଆ ଘର। ବାପ୍‌ରେ - ଏସବୁ ଗୋଟିଏ ଥରରେ ତିଆରି ହୋଇଯାଇଛି। ସବୁ ପାଖରେ ପାଣି, ଯଥେଷ୍ଟ। ତିନୋଟି ଜେନେରେଟର ତିନି ସ୍ଥାନରେ ରଖାଯାଇଛି। କୌଣସି ସ୍ଥାନରେ ପାଣି ନିଅଣ୍ଟ ହେବନାହିଁ କି ସମ୍ମିଳନୀରେ ବାଧା ହେବ ନାହିଁ କିମ୍ବା ରହିବା ଖାଇବା ସ୍ଥାନ ମଧ ଅନ୍ଧାର ହେବନାହିଁ। ପ୍ରତ୍ୟେକ ସ୍ଥାନକୁ ଜେନେରେଟର ମାଧମରେ ଲାଇଟ୍ ଦିଆଯାଇଛି। ସଭାସ୍ଥଳତ କହିଚି। ରହିବା ସ୍ଥାନ ମଧ କହିଚି। ଭୋଜନାଳୟ ମଧ ଅନୁରୂପ। କିଛି କାହାରିକୁ ବାରିବାକୁ ନାହିଁ। ଖର୍ଚ୍ଚରେ ଆଦୌ କାର୍ପଣ୍ୟ ନାହିଁ। ସବୁ ଦେଖି ବୁଲି ଆସିବା ପରେ ଏକ ପରମ ସନ୍ତୋଷରେ ସେ ରାତିଟି ବିଶ୍ରାମ ନେଲି।

ପରଦିନ ସକାଳ ୯ଟା ବେଳେ ପଡ଼ିଆରେ ମାର୍ଚ୍ଚପାଷ୍ଟ, ବନ୍ଦେମାତରମ୍ ଏବଂ ଶିକ୍ଷାର୍ଥୀର ସଙ୍କଳ୍ପ। ତା'ପରେ ମୁଖ୍ୟ ଅତିଥିଙ୍କୁ ଅଭିନନ୍ଦନ ଏବଂ ପ୍ରଦର୍ଶନୀ ଉଦ୍‌ଘାଟନ। ପରେ ପରେ ସଭାର ଉଦ୍‌ଘାଟନୀ ଅଧିବେଶନ। ସ୍ଥାନୀୟ ମନ୍ତ୍ରୀ ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି। ସେତେବେଳକୁ ସଭାସ୍ଥଳ ଧୀରେଧୀରେ ଭରୁଥାଏ। ପ୍ରାୟ ୭୦୦ ପର୍ଯ୍ୟନ୍ତ ବାଳିକା ଏବଂ ସେମାନଙ୍କର ଅପା/ଭାଇମାନେ ଆସିସାରିଥାଆନ୍ତି। ଅତ୍ୟନ୍ତ ସରଳ ତଥା ନିରାଡମ୍ବରଭାବରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶେଷହେଲା। ତା'ପରେ ଗ୍ରୁପ୍ ଆଲୋଚନା ଏବଂ ତା'ପରେ ମଧାହ୍ନ ଭୋଜନ, ଅପରାହ୍ନ ସୁଦ୍ଧା ସଂଖ୍ୟା ୮୦୦ ଟପିଲା। ସବୁଆଡ଼େ ପିଲା। ସଭାସ୍ଥଳ ଭରପୁର। ସମାଧି ପାଖରେ ଭରପୁର। ଖାଇବା ପାଖରେ ଭରପୁର। ଅପରାହ୍ନରେ ଆଲୋଚନା ପରେ ବିଳମ୍ବ କାରଣରୁ ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମ ବିଶେଷ ହୋଇପାରିଲା ନାହିଁ। ପରେ ସନ୍ଧ୍ୟାରେ ସମବେତ ଧାନ ଏବଂ ଜଳପାନ ପରେ ପୁଣି ସାନ୍ଧ୍ୟ ଅଧିବେଶନରେ ପିଲାମାନେ ଏକଜୁଟ। ବକ୍ତା ଭାଗିଭାଇ ଏବଂ ମୁଁ। ଯେ କୌଣସି ବିଷୟରେ ପିଲାଙ୍କୁ ସମ୍ପୃକ୍ତ କରି ରଖିବାର କଳା ଭାଗିଭାଇଙ୍କ ନିକଟରେ ଅପୂର୍ବ। ସମସ୍ତଙ୍କୁ ନିଜର ଆତ୍ମାର ପରିଚୟ ପଚାରି ପଚାରି ଖୁସୀ କରିଦେଲେ। ମୋତେ ଏକ ବୀରଯୋଦ୍ଧା

ବିଷୟରେ କହିବା ଦରକାର ପଡ଼ିଲା ଏବଂ ହନୁମାନ ଚରିତ୍ରଠାରୁ ଅଧିକ ବୀର ଯୋଦ୍ଧା ଆଉ କେହି ମୋର ମନେପଡ଼ିଲେ ନାହିଁ। ଭଗବାନଙ୍କ ହାତରେ ଏକ ସଫଳ ଯନ୍ତ୍ର ହିଁ ବାସ୍ତବରେ ଏକ ବୀରଯୋଦ୍ଧା। ସେ ବିଷୟରେ ଆଲୋଚନାକୁ ପିଲାମାନେ ଉପଭୋଗ କଲେ। ତା'ପରେ ସାଂସ୍କୃତିକ କାର୍ଯ୍ୟକ୍ରମ। ସବୁ ସ୍କୁଲର ପିଲାମାନଙ୍କୁ ସୁଯୋଗ ଦିଆଗଲା। ସମସ୍ତେ ନିଜନିଜ ଶିକ୍ଷାକେନ୍ଦ୍ର ତରଫରୁ କିଛି କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କଲେ।

ପରଦିନର କାର୍ଯ୍ୟକ୍ରମ ମଧ୍ୟ ନିର୍ବିଘ୍ନରେ ଶେଷହେଲା। କାର୍ଯ୍ୟକ୍ରମ ଅନୁସାରେ ଭୁବନେଶ୍ୱରରୁ ପୁତୁଲଭାଇ (ଶ୍ରୀ ନିରଞ୍ଜନ ପଟ୍ଟନାୟକ) ଏବଂ ସମ୍ବଲପୁରରୁ ଶ୍ରୀବଲ୍ଲଭ ଭାଇ (ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ) ମଧ୍ୟ ଆସି ଯୋଗଦେଇ ନିଜର ସନ୍ତୋଷ ପ୍ରକାଶ କରିଗଲେ। ଢେଙ୍କାନାଳ ଟିକିଅପା ଏବଂ କୁଲୁଅପା ସଙ୍ଗରେ କେନ୍ଦୁଝରର ଅନ୍ୟାନ୍ୟ ସ୍କୁଲରୁ ଆସିଥିବା ରାଜ୍ୟଶ୍ରୀଅପା, ରାଧାଅପା ପ୍ରଭୃତି ଅନେକ ପରିଶ୍ରମ କରିଥିଲେ। ଡାକ୍ତରମାନଙ୍କ ମଧ୍ୟରେ କଟକର କୌଶିକ ଭାଇ (ଡ: କୌଶିକ ମିଶ୍ର) ଅତି ଚମତ୍କାର ଭାବରେ ଛାତ୍ରୀମାନଙ୍କୁ ସେମାନଙ୍କ ସମସ୍ୟା ବିଷୟରେ ସଚେତନ କରାଇଥିଲେ। ସର୍ବୋପରି କଟକ ଟିକିଅପା (ଡ: ବିଜୟିନୀ ମହାପାତ୍ର) ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ। ସମୁଦାୟ ସଂଖ୍ୟାରେ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି। କୌଣସିଠାରେ କିଛି ବି ଅସୁବିଧା ହୋଇନାହିଁ। ଭୋଜନ ଅତ୍ୟନ୍ତ ସୁସ୍ୱାଦୁ ଏବଂ ପୂର୍ଣ୍ଣ ବ୍ୟଞ୍ଜନର ସମକକ୍ଷ। ଥରେବି ପାଣି ନିଅଣ୍ଟ ହୋଇନାହିଁ। କାହାରି ଉପରେ କିଛିବି ସମସ୍ୟା ଆସିନାହିଁ। କେହିବି କିଛି ଅଭିଯୋଗ କରିନାହାନ୍ତି। ଇଲେକ୍ଟ୍ରି ଯାଉଯାଉ ଜେନେରେଟର ତିଆର। ସମଗ୍ର ଅନୁଷ୍ଠାନଟିର ସମସ୍ତ ଭାଇଅପା- ମୋର ସମସ୍ତ ସ୍ମୃତିଶକ୍ତିକୁ ବିନିଯୋଗ କରି ମୁଁ ନାମଗୁଡ଼ିକୁ ଉଲ୍ଲେଖ କରିବାକୁ ଚେଷ୍ଟା କରୁଛି- ଶାନ୍ତିଭାଇ, ମାୟାଧର ଭାଇ, ଗୁନଭାଇ, କେଦାର ଭାଇ, ପହଲି ଭାଇ, ହରେକୃଷ୍ଣ ଭାଇ, ବାବୁଲି ଭାଇ, ଜନାର୍ଦ୍ଦନ ଭାଇ, ଦୁର୍ଗାଭାଇ, ମୁନାଭାଇ, ବୁଦ୍ଧଦେବ ଭାଇ, ଡ: କୃଷ୍ଣ ଭାଇ, ଲିଲି ଅପା, ଗୀତା, ଲକ୍ଷ୍ମୀ, ଗୀତୁ, ପ୍ରିୟମ୍ବଦା, ମାନସୀ, ପାର୍ବତୀ, କାମିନୀ, ନଳିନୀ, ଟିକି, ସଞ୍ଜୁ, ରଞ୍ଜୁ, ସସ୍ମିତା, ନିରୁଅପା, ଇରା, ମୀତା, ଚିନ୍ମୟୀ, ଜାନକୀ, ସେଲିଅପା, ଅମରାବତୀ, କୁମୁଦ, ସୁଶୀଳା ଅପା ପ୍ରଭୃତି ଅପାଭାଇମାନଙ୍କର ଅଦମ୍ୟ ଏବଂ ସାଗ୍ରହ ପ୍ରଚେଷ୍ଟାରେ ଏ ସମ୍ମିଳନୀ ଅତ୍ୟନ୍ତ ଆନନ୍ଦ ଆତିଶଯ୍ୟରେ ଶେଷହେଲା। ମୁଁ ସମୁଦାୟ ସମ୍ମିଳନୀରେ ଏକାଦିକ୍ରମେ ୪୬ଘଣ୍ଟା ରହିଥିଲି। କେବଳ ମା'ଙ୍କ ପ୍ରତି ଏବଂ ତାଙ୍କ ଯନ୍ତ୍ରଗୁଡ଼ିକ ପ୍ରତି କୃତଜ୍ଞ ରହିବା ଛଡ଼ା ମୋର ଆଉ କିଛି କରିବାର ନଥିଲା।

ଗୋଟିଏ ସାଧାରଣ ଗ୍ରାମ କଇନିପୁରାରେ ଯଦି ଏଇଭଳି ଗୁଡ଼ିଏ ମା'ଙ୍କର ଯନ୍ତ୍ର ସୃଷ୍ଟି ହୋଇପାରିଛନ୍ତି- ଆଉ ଚିନ୍ତା କାହିଁକି- ତାଙ୍କ ସ୍ୱର୍ଗରାଜ୍ୟ ଆଉ କେତେ ଦୂର!

*ପ୍ରସାଦ ତ୍ରିପାଠୀ*

# ସ୍ମୃତି ସମାଚାର
## ଘୋର ଅଗ୍ନି ପରୀକ୍ଷା

ଖାଲି ଏବେ ନୁହେଁ, ସବୁ ଯୁଗରେ ସବୁ ସମୟରେ ଆସୁରୀଶକ୍ତି ଭଗବାନଙ୍କ ଭକ୍ତମାନଙ୍କୁ ନାନା ପ୍ରକାର ଅଗ୍ନି ପରୀକ୍ଷାର ସମ୍ମୁଖୀନ କରାଏ। ସେତେବେଳେ ଜଣାଯାଏ ସବୁ ଯେମିତି ଧୂଳିସାତ୍ ହୋଇଯିବ। କିନ୍ତୁ ଭକ୍ତର ଭଗବାନଙ୍କ ଉପରେ ଦୃଢ଼ ଆସ୍ଥା, ଅଖଣ୍ଡ ବିଶ୍ୱାସ ଭରସା ଏବଂ ଅକପଟ ସମର୍ପଣ ହିଁ ଭକ୍ତକୁ ସକଳ ପ୍ରକାର ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ କରାଇଥାଏ। ବେଳେବେଳେ ଏପରି ହୁଏ ଯେ ଅସୁରର ମାୟାରେ ପ୍ରାଥମିକ ସ୍ତରର ଭକ୍ତମାନେ ମଧ୍ୟ ଘାବରାଇ ଯାଆନ୍ତି। କିନ୍ତୁ ଯେ ଯଥାର୍ଥରେ ସମର୍ପିତ ଭକ୍ତ ସେ ସକଳ କ୍ଷେତ୍ରରେ ସ୍ଥିର ଏବଂ ଅବିଚଳିତ ରହିଥାଏ। ଆସୁରୀମାୟାର ପ୍ରଭାବ ଉପରେ ପଡ଼ିପାରେ ନାହିଁ ଯେପରି ରାବଣ ସୀତାଙ୍କ ଆଗରେ ମାୟାରାମଙ୍କର କଟାମୁଣ୍ଡ ଦେଖାଇଥିଲା। କିନ୍ତୁ ସୀତାଙ୍କ ମନରେ ଏତେ ଟିକିଏ ବି ଶଙ୍କା ଉପୁଜେଇ ପାରିନଥିଲା।

ଶ୍ରୀମାଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ପଥରେ ମାତୃସନ୍ତାନମାନଙ୍କୁ ପ୍ରତି ମୁହୂର୍ତ୍ତରେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଆସୁରୀ ମାୟାଦ୍ୱାରା। ମା' ବିରୋଧ ଶକ୍ତିମାନଙ୍କୁ ପରୀକ୍ଷକ (tester) ର କାମ କରାନ୍ତି ବୋଲି କହିଛନ୍ତି। ସକଳ ଅଗ୍ନି ପରୀକ୍ଷାରେ ସେହି ମା'ହିଁ ଆମମାନଙ୍କୁ ରକ୍ଷା କରିଥାନ୍ତି। ବଗିଚାରେ ଯେପରି ବାଡ଼ ଖଇଚା ଥିଲେ ଗୋରୁଗାଈ ବାଡ଼ ଭାଙ୍ଗି ପଶି ବଗିଚା ନଷ୍ଟ କରନ୍ତି, ସେହିପରି ଆମର ଶ୍ରୀମାଶ୍ରୀଅରବିନ୍ଦଙ୍କ ପଦାରବିନ୍ଦରେ ଶରଣାଗତିର ଦୁର୍ବଳତା ଥିଲେ, ବିଶ୍ୱାସ ଭରସା ଏବଂ ଆସ୍ଥା ମଜଭୂତ ନଥିଲେ ସେହି ଦୁର୍ବଳତାର ସୁଯୋଗ ପାଇ ବିରୋଧ ଶକ୍ତି ଅର୍ଥାତ ଆସୁରୀ ମାୟା ପ୍ରବେଶ କରିବାର ସୁଯୋଗ ପାଏ। ଏଣୁ ପ୍ରତି ମୁହୂର୍ତ୍ତରେ ମାତୃସନ୍ତାନମାନଙ୍କୁ ଦୃଢ଼ ନିଷ୍ଠା ଓ କଠୋର ଅଧ୍ୟବସାୟ ସହ ଏକମାତ୍ର - ଏକମାତ୍ର ଶ୍ରୀମାଶ୍ରୀଅରବିନ୍ଦଙ୍କର ଆନୁଗତ୍ୟକୁ ସ୍ୱୀକାର କରି ପ୍ରଚଣ୍ଡ ସଙ୍କଳ୍ପ ସହ ଏକମୁଖୀ ହୋଇ ଚଳିବାକୁ ହେବ।

ବର୍ତ୍ତମାନ ଯେଉଁ ମୁହୂର୍ତ୍ତ ତାହା ଏକ ଦିଗରେ ଦେବ ମୁହୂର୍ତ୍ତ, ଦିବ୍ୟ ମୁହୂର୍ତ୍ତ ଯେପରି ଅନ୍ୟଦିଗରେ ଏକ ସାଙ୍ଘାତିକ ମୁହୂର୍ତ୍ତ ଏବଂ ପ୍ରଳୟଙ୍କରୀ ମୁହୂର୍ତ୍ତ ମଧ୍ୟ ସେହିପରି। ରାକ୍ଷସ, ଅସୁର, ପିଶାଚମାନେ ସେମାନଙ୍କ ବିନାଶକାଳ ଉପସ୍ଥିତ ଜାଣି ପ୍ରାଣମୂର୍ଚ୍ଛା ଲଢ଼େଇ କରିଛନ୍ତି। ଏପରିକି ଟିକିଏ ଦୁର୍ବଳତାର ସୁଯୋଗ ପାଇଲେ ଆମରି ଭିତରେ ପଶି ଆମରି ପରି ଭକ୍ତ ଭଳି ମୁଖାପିନ୍ଧି ଅଭିନୟ କରି ସମୟ ଉଣ୍ଡି ଆମ ବିଶ୍ୱାସରେ ବିଷ ଭରିଦେବାକୁ ମଧ୍ୟ ଉଦ୍ୟମ କରିପାରନ୍ତି। ଏପରିକି ଆମେ ଯାହା କଳ୍ପନା କରିପାରିବା ନାହିଁ, ଆମେ ଯାହା ଚିନ୍ତା କରିପାରିବା ନାହିଁ, ଆମେ ଯାହା ଭାବିବି ପାରିବା ନାହିଁ ସେପରି କଥା କହି, ସେପରି ଲେଖା ଲେଖି ଆମ ଆସ୍ଥା ଏବଂ ବିଶ୍ୱାସକୁ ଫଟାଇ ଦେବାକୁ ବି ଚେଷ୍ଟା କରିପାରନ୍ତି। ଆମେ ଏପ୍ରକାର କୌଣସି କଥାକୁ କାନ ଦେବା ନାହିଁ। ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣ କମଳ ତଳୁ ଆମକୁ କେହି କେହି କେହି ବି ଟଳାଇ ପାରିବେ ନାହିଁ। ଆମର ଶ୍ରୀମାଶ୍ରୀଅରବିନ୍ଦ ହେଉଛନ୍ତି ପରମ ଆଶ୍ରୟସ୍ଥଳୀ। ସେ ହିଁ ହେଉଛନ୍ତି ଆମର ଏକମାତ୍ର ଗୁରୁ। ସେହି ହେଉଛନ୍ତି ଏକମାତ୍ର ପଥପ୍ରଦର୍ଶକ। ସେହି ହେଉଛନ୍ତି ପରମପୂର୍ଣ୍ଣ ଯୁଗାବତାର। ସେ ହିଁ-ସେ ହିଁ-ସେ ହିଁ ହେଉଛନ୍ତି ଆମର ସବୁକିଛି- ସବୁକିଛି-ସବୁକିଛି। ସେ ହିଁ ଆମକୁ ସକଳ ଅଗ୍ନି ପରୀକ୍ଷାରୁ ରକ୍ଷା କରିବେ।

***ମଧୁସୂଦନ ମିଶ୍ର***

# ଶତବାର୍ଷିକୀ ଆହ୍ୱାନ

(ପୂର୍ବ ପ୍ରକାଶିତ ଉତ୍ତାରୁ...)ଶ୍ରୀଅରବିନ୍ଦ ଶ୍ରୀମାଙ୍କ ମାର୍ଗରେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରୁ କୌଣସି ନିର୍ଦ୍ଦେଶ ବା ଉପଦେଶ ଆସେ ନାହିଁ। ଆଧ୍ୟାତ୍ମିକ ସାଧନା ପ୍ରଚାରଧର୍ମୀ ନୁହେଁ। ତଥାପି ଏହା ସମ୍ପ୍ରସାରିତ ହୋଇଯାଇଥାଏ କିପରି ? ଏହା ମୂଳରେ ଥାଏ ଜଣେ ବାବାଜି ମହାରାଜଙ୍କ ପରି ଅନୁଗତ ସାଧକ ଓ ମାନବପ୍ରେମୀ ମହାତ୍ମାଙ୍କର ଇଚ୍ଛାଶକ୍ତି, ସଙ୍କଳ୍ପ, ନିଷ୍ଠାପର ଭକ୍ତି ବିଶ୍ୱାସ ଯେ "ମୁଁ ଯେପରି ମା'ଙ୍କୁ ଜାଣିଲି ମୋ ଦେଶର ଭାଇଭଉଣୀମାନେ ସେପରି ମା'ଙ୍କୁ ଜାଣନ୍ତୁ।"

ମୁଁ କେବେ ମନରୁ ଏସବୁ କଥା ଲେଖି ପକାଉ ନଥିବି। ଆପଣମାନେ ନଜାଣିବା କଥା ମଧ୍ୟ ମୁଁ ଲେଖିପକାଉ ନାହିଁ। ତାହେଲେ, କାହିଁକି ଲେଖୁଛି। ସେହି ଶତବାର୍ଷିକୀ ସ୍ମରଣରେ ଆପଣଙ୍କ ଭିତରେ ସହି ଭାବ, ସେହି ବନ୍ଧୁତ୍ୱ, ସେହି ପ୍ରେମ, ସେହି ମାଧୁର୍ଯ୍ୟଟିର ସ୍ପର୍ଶଟିଏ ପାଇ ଲେଖୁଛି। ଜଗତ ଭାଇ, ମଧୁଭାଇ ଚିଠି ଦିଅନ୍ତି, ବା ମୁଁ ମଧୁଭାଇଙ୍କୁ ଚିଠିଦିଏ। ସେମାନେ କାର୍ଯ୍ୟକ୍ରମ ଆୟୋଜନ କରନ୍ତି। କେତେବେଳେ ମାରୱାଡ଼ି ଧର୍ମଶାଳାରେ ଶିବିର ହେଲେ ଗାଁ ଗହଳି ଭାଇ-ଭଉଣୀ ଆସନ୍ତି, ଆଲୋଚନା ଶୁଣନ୍ତି, ଆସନ-ବ୍ୟାୟାମ-ପ୍ରାଣାୟମ ଶିଖନ୍ତି, ପରସ୍ପର ମିଶନ୍ତି, ପରସ୍ପର ବନ୍ଧୁ ହୁଅନ୍ତି। ପାରସ୍ପରିକତା, ଆଲୋଚନା, ସହଯୋଗର ବାତାବରଣରେ କାର୍ଯ୍ୟକରିବାର କଳିକାଟିଏ ଉକୁଟି ଆସେ। ସେମାନେ ପୁଣି ମୋତେ ସେମାନଙ୍କ ଗାଁକୁ ପାଠଚକ୍ର କରିବା ପାଇଁ ଡାକନ୍ତି। ମୁଁ ମଧୁଭାଇଙ୍କ ସାଇକେଲ ନେଇ ଧଣ୍ଡାମୁଣ୍ଡା, ଖପ୍ରାଖୋଲ, ଶାନ୍ତିପୁର, ଖଣ୍ଡସମଲାଇ, ଆହୁରି କେତେ ଗାଁକୁ ଯାଏ। ସେଠାରେ ସେହିପରି ଜଣେ ଦିଜଣ ଭାଇ ବନ୍ଧୁତ୍ୱପୂର୍ଣ୍ଣ ମଧୁର ସମ୍ପର୍କରେ ମା'ଙ୍କ କାର୍ଯ୍ୟଲାଗି ଖୋଜି ହେଉଥାନ୍ତି। ଆମକୁ ପାଇଗଲେ କହିବୁଲନ୍ତି, "ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରୁ ସାଧକ ଆସିଛନ୍ତି।" ସଭାରେ ମଧ୍ୟ ପରିଚୟ ଦିଅନ୍ତି। ମୋତେ ହସଲାଗେ- ମା'ଙ୍କୁ ପ୍ରାର୍ଥନା କରେ, "ମା' ଯେଉଁ ନାମରେ ପରିଚିତ ହେଉଛୁ ସେ ନାମତ ଆମର ପରିଚୟ ନୁହେଁ, ସେହି ନାମ ସହିତ ଆମର କିଛି ବି ସମ୍ପର୍କ ନାହିଁ।" ଭିତରେ ଜଣେ କହେ, "ସେହି ନାମ ସହିତ ସମସ୍ତଙ୍କର ସମ୍ପର୍କ ଅଛି। ସେହି ନାମହିଁ ସବୁ କରୁଛି। ସେହି ନାମକୁ ଯଥାର୍ଥରେ ଜୀବନରେ ପରିପ୍ରକାଶ କରିବା କଥା। ବାବାଜି ମହାରାଜ ବାରବାର କହୁଥିଲେ, "ଓଡ଼ିଶା ପାଣ୍ଡୁଚେରୀ ହେବ"।

*(କ୍ରମଶଃ)*

*ଅନାଦି ଚରଣ ସ୍ୱାଇଁ*

# ଦିବଂଗତ ନିତ୍ୟାନନ୍ଦ ଭାଇ

ଗତ ସେପ୍ଟେମ୍ବର ୧୬ ତାରିଖ କଥା। ରାତି ପ୍ରାୟ ୩.୩୦ ହେବ, ଖବର ମିଳିଲା- ନିତ୍ୟାନନ୍ଦ ଭାଇ ଚାଲିଗଲେ। ବିଶ୍ୱାସ ନଆସିଲେ ବି ବିଶ୍ୱାସ କରିବାକୁ ପଡ଼ିଲା।

ସ୍ୱାସ୍ଥ୍ୟଗତ କାରଣଯୋଗୁଁ ପ୍ରାୟ ଦୁଇବର୍ଷ ହେବ ନିତ୍ୟାନନ୍ଦ ଭାଇ ପାଠଚକ୍ର କାର୍ଯ୍ୟପାଇ ବିଶେଷ ପରିଶ୍ରମ କରିପାରୁନଥିଲେ। ବାଧକ ହେଉଥିଲା ଡାଇବେଟିସ୍ ରୋଗ। ନିକଟରେ କଳିଙ୍ଗ ହସ୍‌ପିଟାଲରେ ତାଙ୍କର ବାଇପାସ୍ ସର୍ଜରୀ ହୋଇଥିଲା ଓ ସେ ତାଙ୍କ ଝିଅ - ରୁନୁ ପାଖରେ ଭୁବନେଶ୍ୱରଠାରେ କିଛି ମାସ ପାଇଁ ରହୁଥିଲେ। ହଠାତ୍ କେବେ ଢେଙ୍କାନାଳ ଚାଲିଆସିଲେଣି ଏହା କାହାକୁ ଜଣାନଥିଲା। ତେଣୁ ନିଜଘରେ ତାଙ୍କର ଅଚାନକ ପରଲୋକ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ ଓ ମର୍ମାହତ କରିଦେଲା।

୧୬ ତାରିଖ ସକାଳେ ସେ ତାଙ୍କ ଭିଣୋଇ ଅନ୍ତର୍ଯ୍ୟାମୀ ଭାଇଙ୍କୁ ଡକାଇ କହିଲେ ଆଜି କାହିଁକି ମୋର ମା' (ଶ୍ରୀମା) ଅଧିକ ମନେପଡୁଛନ୍ତି। ଘରୁ ମା'ଙ୍କର ଛୋଟ ଫଟୋଟିଏ ଦେଇ ତାଙ୍କୁ କହିଲେ ଏଇଟି ବିଭୁତି ପାଖରୁ ବନ୍ଧେଇ ଆଣ, ପାଖରେ ରଖି ସବୁବେଳେ ଦେଖିବାକୁ ସୁବିଧା ହେବ।

ଦିନଯାକ ଭଲରେ ବିତିଲା। ଖିଆପିଆ ବିଶ୍ରାମ ସବୁ ପ୍ରାୟ ସାଧାରଣ। କିନ୍ତୁ ସନ୍ଧ୍ୟାପରେ ପେଟରେ ସାମାନ୍ୟ ଗୋଳମାଳ ଜଣାଗଲା। ଅଳ୍ପ ଝାଡ଼ା ଓ ବାନ୍ତି ମଧ୍ୟ ହେଲା। ପରେ ସାମାନ୍ୟ ଗ୍ଲୁକୋଜ ପାଣି ପିଇ ପାନେ ଔଷଧ ଖାଇଲେ। ସବୁ ବାନ୍ତି ହୋଇଗଲା। ଡାକ୍ତର ଦେଖିଲେ। କହିଲେ ବିଶେଷ କିଛି ଅସୁବିଧା ନାହିଁ। ବିଶ୍ରାମ କରନ୍ତୁ। ସେଇ ବିଶ୍ରାମ ଭିତରେ ନିତ୍ୟାନନ୍ଦ ଭାଇ ମା'ଙ୍କୁ ସ୍ମରଣ କରୁଥିବାର ଲକ୍ଷ୍ୟ କରାଯାଉଥିଲା। ରାତି ୧୨ଟା ପରେ ସେ ନୀରବ ରହିଲେ। ମାତ୍ର କ୍ରମେ ଏହି ନୀରବତା ଭିତରେ ଅସୁସ୍ଥତା ବଢ଼ିବାର ପ୍ରକାଶ ପାଉଥିଲା ଏବଂ ରାତି ଦୁଇଟାରେ ଜଣାଗଲା ସବୁଦିନ ପାଇଁ ସେ ଅନନ୍ତ ନୀରବତା ମଧ୍ୟରେ ହଜିଗଲେଣି। ଏଥର କୌଣସି ପ୍ରକାର ଅସୁସ୍ଥତା ଆଉ ତାଙ୍କୁ ସ୍ପର୍ଶ କରିପାରିବ ନାହିଁ।



ନିତ୍ୟାନନ୍ଦ ଭାଇ ଉତ୍ତର ଷାଠିଏ ବର୍ଷ ବୟସରେ ପ୍ରବେଶ କରି ସାରିଥିଲେ। ତାଙ୍କର ବିବାହ ୧୯୭୨ରେ ଭାପୁର ଘଟିପିରି ଗ୍ରାମର ଏକ ମାତୃପରିବାରରେ ହୋଇଥିଲା। ପତ୍ନୀ ରମାଅପା ଶାଶୁଘରକୁ ଶ୍ରୀମା'ଙ୍କର ଫଟୋଟିଏ ଆଣି ଆସିଥିଲେ। ଦେଢ଼ଶାଶୁ ଝିଲିଅପା ତାଙ୍କ ଘରକୁ ଆସି ମଝେ ମଝେ ମା'ଙ୍କ କଥା କହୁଥିଲେ। ସେ ଜଣେ ପାଠଚକ୍ର ସଙ୍ଗଠିକା ଥିବାରୁ ତାଙ୍କର ପ୍ରଭାବ ପରିବାରରେ ପଡ଼ିଲା। ଶେଷରେ ୧୯୮୭ ନଭେମ୍ବର ୨୧ ତାରିଖରେ ଗଢ଼ାହେଲା କିରଣମୟୀ ଶ୍ରୀଅରବିନ୍ଦ ପାଠଚକ୍ର। ତତ୍‌କାଳୀନ ପାଠଚକ୍ର ସଙ୍ଗଠକ ସ୍ୱର୍ଗତଃ ଚକ୍ରଧର ସାମନ୍ତରାୟଙ୍କର ପ୍ରେରଣା ମଧ୍ୟ ଏଥିରେ ସହଯୋଗ କରୁଥିଲା। ଢେଙ୍କାନାଳର ସ୍ୱର୍ଗତଃ ଧର୍ମାନନ୍ଦ ଭାଇ ସେତେବେଳେ ପାଠଚକ୍ରମାନ ଗଠନ କରୁଥା'ନ୍ତି। ନିତ୍ୟାନନ୍ଦ ଭାଇ ତାଙ୍କ ସହିତ ସହଯୋଗୀ ହୋଇଗଲେ। ମଧୁଭାଇନା, ଅନାଦି ଭାଇ, ଭଜଭାଇ ଆଦି ଅନେକ ସାଧକଙ୍କର ମାର୍ଗଦର୍ଶନରେ ନିତ୍ୟାନନ୍ଦ ଭାଇ ଆଗେଇଚାଲିଲେ। ତାଙ୍କର ସାଧକ ଜୀବନ ଅଧିକ ସଙ୍ଗଠିତ ହୋଇଉଠିଲା କଟକ ମାତୃଭବନ ମାଧ୍ୟମରେ। ମା' ଓ

ପ୍ରଭୁଙ୍କର ଆଦର୍ଶରେ କ୍ରମେ କ୍ରମେ ପାଠଚକ୍ର, ଆଲୋଚନା ଚକ୍ର ଓ ଶିବିର ଆଦି ବଢ଼ିଚାଲିଲା। ଢେଙ୍କାନାଳ ଏଲ୍.ଏନ୍. ହାଇସ୍କୁଲରେ ସପ୍ତଦିନ ବ୍ୟାପୀ ଯୁବଛାତ୍ର ଶିବିର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଶ୍ରୀଅରବିନ୍ଦ ନଗରରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ସ୍ଥାପନା କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କର ଭୂମିକା ରହିଥିଲା। ଓଡ଼ିଶାରେ ଶ୍ରୀଅରବିନ୍ଦ କର୍ମଧାରାର ପ୍ରସାର ଉଦ୍ଦେଶ୍ୟରେ ଯେଉଁ ନଅଗୋଟି ଜୋନ୍ ସୃଷ୍ଟି କରାଗଲା ତନ୍ମଧ୍ୟରୁ କୃପାଜୋନ୍‌ର ପ୍ରଥମ ଆବାହକ ଥିଲେ ନିତ୍ୟାନନ୍ଦ ଭାଇ।

ତାଙ୍କର ମରଶରୀରକୁ ରିଲିକ୍ସ ସେଣ୍ଟର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ନେଇ ଢେଙ୍କାନାଳର ବଡ଼ବଜାରନାଳତଟ ଶ୍ମଶାନରେ ମାତୃଭକ୍ତମାନଙ୍କର ଉପସ୍ଥିତିରେ ଅନ୍ତିମ ସଂସ୍କାର କରାଯାଇଥିଲା।

*ରୁଦ୍ର ପ୍ରସାଦ ମହାନ୍ତି*

## Friends of Dalijoda

ଆସନ୍ତା ନଭେମ୍ବର ୧୭ ତାରିଖରେ ଶ୍ରୀମା'ଙ୍କ ମହାପ୍ରୟାଣ ଓ ନଭେମ୍ବର ୨୪ ତାରିଖରେ ସିଦ୍ଧିଦିବସ ଉପଲକ୍ଷ୍ୟେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣରେ Friends of Dalijodaର ବିନମ୍ର କୃତଜ୍ଞତା। ଆପଣମାନେ ଜାଣନ୍ତି, ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଡାଳିଯୋଡ଼ା ଓ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିକଳ୍ପେ Friends of Dalijoda ର ସୃଷ୍ଟି। ଏହି ଶିଶୁ ଅନୁଷ୍ଠାନର କଳେବର ଓ କାର୍ଯ୍ୟଦକ୍ଷତା ବୃଦ୍ଧିପାଇଁ ଓଡ଼ିଶାର ସମସ୍ତ ଅଭୀପ୍ସୁ ଓ ଶୁଭେଚ୍ଛୁ ମାତୃପ୍ରେମୀ ଭାଇ ଓ ଭଉଣୀମାନଙ୍କୁ ଏହାର ଅନ୍ତର୍ଭୁକ୍ତ ହେବାପାଇଁ ଆହ୍ୱାନ କରାଯାଉଅଛି। ଏଥିପାଇଁ ମାତୃଭବନରେ ଫର୍ମ ଉପଲବ୍ଧ। ଏଥି ମଧ୍ୟରେ କେତେକ ବନ୍ଧୁଙ୍କ ଫର୍ମ ଆମର ହସ୍ତଗତ ହୋଇଅଛି ଏହା Under scrutiny ଅବସ୍ଥାରେ ଅଛି।

"World is preparing for a big change. Will you help ? ଶ୍ରୀମା'ଙ୍କର ଏହି ବାଣୀକୁ ସାକାର କରିବା ପାଇଁ Friends of Dalijoda କାର୍ଯ୍ୟକରି ଚାଲିବ। ପୂଜ୍ୟ ବାବାଜି ମହାରାଜ ଓ ପୂଜ୍ୟ ପ୍ରପତ୍ତି ଡାଳିଯୋଡ଼ା ଆଶ୍ରମର ଶୁଭାରମ୍ଭକରି ତାକୁ ଅନେକଦୂର ଆଗେଇ ନେଇଛନ୍ତି। ଆପଣମାନେ ଡାଳିଯୋଡ଼ା ଦେଖିଥିବେ ଓ ଅନୁଭବ କରିଥିବେ। ନିକଟରେ ପଣ୍ଡିଚେରୀ ଆଶ୍ରମର ସାଧକ ଡକ୍ଟର ଆଲୋକ ପାଣ୍ଡେ ଡାଳିଯୋଡ଼ା ପରିଦର୍ଶନ କରି ମନ୍ତବ୍ୟ ଦେଇଥିଲେ, "Dalijoda is the gold mine of spirituality." ଡାଳିଯୋଡ଼ା ଅଗ୍ରଗତି କରିବ ମା'ଙ୍କ କରୁଣା ସ ଆପଣମାନଙ୍କ ସାହାଯ୍ୟ ଓ ସଦିଚ୍ଛା ଦ୍ୱାରା। ଆପଣମାନେ କର୍ମୀ, ସାଧକ, ଯନ୍ତ୍ରୀ, ଡାକ୍ତର, ଶିକ୍ଷାବିତ୍, ବ୍ୟବସାୟୀ, ଆଇନି ବିଶାରଦ, ଠିକାଦାର, ଆର୍ଥିକ ସାହାଯ୍ୟକାରୀ ବା ଅନ୍ୟ କୌଣସି ରୂପେ ଡାଳିଯୋଡ଼ାକୁ ସାହାଯ୍ୟ କରିପାରିବେ।

ସବିଶେଷ ବିବରଣୀ ନିମନ୍ତେ ଆବାହକ ଶ୍ରୀ ଗୋପୀନାଥ ସାହୁ ଫୋନ-(୦୬୭୧)୨୩୪୭୯୪୫, ମୋ- ୯୪୩୭୨୦୮୬୧୯ ଏବଂ ଶ୍ରୀ ସମରେନ୍ଦ୍ର ରାଉତ ମୋ-୯୪୩୮୪୩୬୬୨୦ଙ୍କ ସଙ୍ଗେ ଯୋଗାଯୋଗ କରିବାକୁ ଅନୁରୋଧ।

# ପୁଣି ପବିତ୍ର ଦେହାଂଶ

୨୦୦୩ ପରେ ପୁଣି ୨୦୧୦ ଜାନୁୟାରୀରେ ଓଡ଼ିଶାର ଆଠୋଟି ସ୍ଥାନପାଇଁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ଦେବାପାଇଁ ଶ୍ରୀଅରବିନ୍ଦ ଆଶ୍ରମ କର୍ତ୍ତୃପକ୍ଷ ସମ୍ମତି ପ୍ରଦାନ କରିବା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ସୌଭାଗ୍ୟ ତଥା ଗୌରବର ବିଷୟ। ଏଥିପାଇଁ ସାରା ରାଜ୍ୟରେ ପୁଣି ଆଗ୍ରହ, ଉତ୍ସାହ, ଉଦ୍ଦିପନା ଖେଳିଯାଇଛି। ଏଥିରେ ସଂଶ୍ଲିଷ୍ଟ ସ୍ଥାନଗୁଡ଼ିକ ହେଲା-

ଜଗତସିଂହପୁର ଜିଲ୍ଲାର ତିହସାହି ନିକଟସ୍ଥ କଟରା, କଟକ ଜିଲ୍ଲାର ଆଠଗଡ଼ ନିକଟସ୍ଥ ନୂଆପାଟଣା, ଭଦ୍ରଖ ଜିଲ୍ଲାର ସିମୁଳିଆ ନିକଟସ୍ଥ ନବୋଦ୍ୟମ, ସୋନପୁର ଜିଲ୍ଲାର ଚଢ଼େଇଗୁଡ଼ି, ବରଗଡ଼ ଜିଲ୍ଲାର ଅତାବିରା ନିକଟସ୍ଥ ସହରାଟିକରା, କୋରାପୁଟ ଜିଲ୍ଲାର ଦାମନଯୋଡ଼ି, ଗଞ୍ଜାମ ଜିଲ୍ଲାର ଆସ୍କା ନିକଟସ୍ଥ ମା ନୂଆପଲ୍ଲୀ ଏବଂ ଖୋର୍ଦ୍ଧା ଜିଲ୍ଲାର ନାଚୁଣୀ ନିକଟସ୍ଥ ସୁନାଖଳା।

୨୦୦୩ରେ ଶେଷଥର ବାରଟି ସ୍ଥାନ ପାଇଁ ପବିତ୍ର ଦେହାଂଶ ଆସିବା ପରେ ଦୀର୍ଘ ସାତବର୍ଷ ପରେ ପୁଣି ମା'ଙ୍କ କୃପାରୁ ପବିତ୍ର ଦେହାଂଶ ଆସିବା ସମ୍ଭବ ହୋଇପାରିଛି। ଏ ସବୁକୁ ମିଶାଇଲେ ଓଡ଼ିଶାରେ ସମୁଦାୟ ୭୩ଟି ସ୍ଥାନରେ ପବିତ୍ର ଦେହାଂଶ ସ୍ଥାପନ ହେବ।

ମାତ୍ର ଆମେ ପବିତ୍ର ଦେହାଂଶ ଆଣିବା କାହିଁକି ? ଯଦି ସବୁକଥା ଠିକ୍ ଆନ୍ତରିକ ଭାବରେ ବିଚାର କରାଯାଏ ଏବଂ ବିଶ୍ୱାସ କରାଯାଏ ତେବେ କେତେଗୁଡ଼ିଏ ମାତୃସନ୍ତାନଙ୍କ ଭିତରେ ଅତି ତୀବ୍ରଭାବରେ ପ୍ରେରଣା ଜାଗ୍ରତ ହୁଏ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପନ କରିବା ନିମନ୍ତେ ଏବଂ ସେମାନେ ସେଥିପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରି ପ୍ରଚେଷ୍ଟା କରନ୍ତି। ସେଥିପାଇଁ କେତୋଟି ସର୍ବନିମ୍ନ ଆବଶ୍ୟକତା ରହିଥିବା ଦରକାର।

୧. ଯେଉଁ ଅନୁଷ୍ଠାନ (ପାଠଚକ୍ର) ପବିତ୍ର ଦେହାଂଶ ଆଣିବାକୁ ଆଗ୍ରହୀ ତାହା ଏକ ରେଜିଷ୍ଟର୍ଡ଼ ଟ୍ରଷ୍ଟ ହେବା ଆବଶ୍ୟକ।

୨. ଯେଉଁ ଯାଗାରେ ଏହି ପବିତ୍ର ଦେହାଂଶ ସ୍ଥାପନ ହେବେ ସେ ସ୍ଥାନଟି ରେଜିଷ୍ଟର୍ଡ ଟ୍ରଷ୍ଟ ନାମରେ ରେଜିଷ୍ଟ୍ରି ହେବା ଦରକାର ଏବଂ ସେ ସମ୍ପର୍କୀୟ ସମସ୍ତ ରେଜିଷ୍ଟ୍ରେସନ ଡିଡ୍, ପଟା, ପାଉତି, କବଲା ପ୍ରଭୃତି ସମସ୍ତ ଅପ୍ ଟୁ ଡେଟ୍ ହୋଇଥିବା ଦରକାର।

୩. ରେଜିଷ୍ଟର୍ଡ ଟ୍ରଷ୍ଟ ଅଧିନରେ ଏକ ଛାତ୍ରାବାସ ସଂଯୁକ୍ତ ଥାଇ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଚାଲୁଥିବ ଏବଂ ଶିକ୍ଷାକେନ୍ଦ୍ର ତଥା ସମାଧି ମନ୍ଦିର ମଧ୍ୟରେ ଦୂରତ୍ୱ ବହୁତ କମ୍ ଥିବ।

୪. ସମାଧି ମନ୍ଦିର ଚତୁଃପାର୍ଶ୍ୱରେ ଫୁଲବଗିଚା ନିମନ୍ତେ ଯଥେଷ୍ଟ ସ୍ଥାନଥିବ।

୫. ସମାଧି ମନ୍ଦିରର ରକ୍ଷଣାବେକ୍ଷଣ ନିମନ୍ତେ ଯଥେଷ୍ଟ ମାତୃକର୍ମୀ ଥିବେ।

ଏ ସବୁ ବ୍ୟବସ୍ଥା ହୋଇସାରିବା ପରେ ଉକ୍ତ ଟ୍ରଷ୍ଟ ତରଫରୁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟର

ମ୍ୟାନେଜିଂ ଟ୍ରଷ୍ଟିଙ୍କୁ ପବିତ୍ର ଦେହାଂଶ ଆଣିବା ନିମନ୍ତେ ଦରଖାସ୍ତ ଦେଇ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର କମିଟିକୁ ଏକ କପି ଦିଅନ୍ତି। ଏହାପରେ ପାଠଚକ୍ର କମିଟି ସବୁ ଦରଖାସ୍ତଗୁଡ଼ିକୁ ଏକତ୍ର କରି ଆଶ୍ରମ ଟ୍ରଷ୍ଟ ବୋର୍ଡ଼ ସହିତ ସଂଯୋଗ ସ୍ଥାପନ କରେ। ପରେ ଆଶ୍ରମ ଟ୍ରଷ୍ଟ ବୋର୍ଡ଼ ବିଭିନ୍ନ ବିଷୟକୁ ବିଚାରକୁ ନେଇ କେତେଗୁଡ଼ିଏ କେନ୍ଦ୍ରପାଇଁ ପବିତ୍ର ଦେହାଂଶ ଦେବା ନିମନ୍ତେ ସିଦ୍ଧାନ୍ତ କରନ୍ତି। ତା'ପରେ ଯଦି ଉକ୍ତ କେନ୍ଦ୍ର ଆଗରୁ ପବିତ୍ର ଦେହାଂଶ ବାକ୍ସ ପାଇଁ ଅର୍ଥ ଦାଖଲ କରିଥାନ୍ତି ତ ଭଲ, ନଚେତ ତୁରନ୍ତ ଦାଖଲ କରିବାକୁ ହୁଏ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ କରାଯାଏ।

ମାତ୍ର ଏ ସବୁ ବ୍ୟବସ୍ଥାପାଇଁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟର ସିଦ୍ଧାନ୍ତ ଉପରେ ସବୁ ନିର୍ଭର କରେ। କେଉଁ ସଂସ୍ଥାକୁ ରେଲିକ୍ସ ଦିଆଯିବ ଏବଂ କାହିଁକି ଦିଆଯିବ ସେ ସଂକ୍ରାନ୍ତରେ କେବଳ ସେମାନେହିଁ ଦାୟିତ୍ୱ ନିଅନ୍ତି। ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର କମିଟି କେବଳ ସବୁଗୁଡ଼ିକ ସଂସ୍ଥାର ସମସ୍ତ ତଥ୍ୟ ଆଶ୍ରମ ଟ୍ରଷ୍ଟ ନିକଟରେ ନିଖୁଣ ଭାବରେ ଦାଖଲ କରିବା ଏବଂ ସେମାନଙ୍କର ସିଦ୍ଧାନ୍ତକୁ ଅପେକ୍ଷା କରିବା ଛଡ଼ା ଆଉ କିଛି କରେ ନାହିଁ।

ଏବେ ସ୍ୱାଭାବିକ ଭାବରେ ଦେଖାଯାଉଛି ଯେ ଯେଉଁ ସଂସ୍ଥାମାନଙ୍କୁ ପବିତ୍ର ଦେହାଂଶ ଆସୁଛନ୍ତି ସେମାନେତ ଅନେକ ଖୁସୀ ମାତ୍ର ଯେଉଁମାନଙ୍କ ନିକଟକୁ ଏବେ ଆସୁନାହାନ୍ତି ସେମାନେ ଅନେକ ଅଶାନ୍ତି ତଥା ମନଦୁଃଖ କରୁଛନ୍ତି।

ବାସ୍ତବରେ ଆମେ ବୁଝିବା ଉଚିତ ଯଦି ଆମେ ପ୍ରକୃତରେ ପରମପ୍ରଭୁଙ୍କ ପବିତ୍ର ଦେହାଂଶ ସ୍ଥାପନ କରିବାକୁ ଆଗ୍ରହୀ ତେବେ ଏକ କଥା ନିଶ୍ଚିତ ଯେ ସେ ନିଜେ ସିଦ୍ଧାନ୍ତ ନକଲେ ଆମର ଯାବତୀୟ ପ୍ରସ୍ତୁତି ସତ୍ୱେ ତାଙ୍କୁ ଆଣିପାରିବୁନି। ସେ ଆସିବାପାଇଁ ନିଜେହିଁ ସିଦ୍ଧାନ୍ତ ନେବେ। ଯଦି ଆମର ସମସ୍ତ ପ୍ରସ୍ତୁତି ସତ୍ୱେ ଆମେ ତଥାପି ପବିତ୍ର ଦେହାଂଶ ଆଣିପାରୁନାହୁଁ ତେବେ ବୁଝିବାକୁ ହେବ ହୁଏତ ସମୟ ହୋଇନାହିଁ କିମ୍ବା ଆମ ପ୍ରସ୍ତୁତିରେ କିଛି ନିଅଣ୍ଟ ଅଛି।

ଶ୍ରୀଝରର କଥା ମନେପଡ଼େ। ସେଥରକ ଯେତୋଟି ସ୍ଥାନକୁ ପବିତ୍ର ଦେହାଂଶ ଆସିବା କଥା ସେମାନଙ୍କ ଭିତରେ ଏକ ନମ୍ବରରେ ଥାଏ ରାୟଗଡ଼ାଠାରୁ କୋରାପୁଟ ରାସ୍ତାରେ ଦଶକି.ମି. ପରେ ପଡୁଥିବା ଶ୍ରୀଝର। ସବୁ ପ୍ରସ୍ତୁତି ଶେଷ। ମାତ୍ର ସିଦ୍ଧାନ୍ତ ହେଲା ବାରିଝୋଲା। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଉ ରାୟଗଡ଼ାଠାରୁ ତିନି କି.ମି. ଦୂର। ସେତେବେଳେ ବୁଝି ହେଲାନାହିଁ ସବୁ ପ୍ରସ୍ତୁତି ଥାଇ ମଧ୍ୟ କାହିଁକି ଶ୍ରୀଝରକୁ ଦେହାଂଶ ଆସିଲେ ନାହିଁ। ମାତ୍ର ପରେ ବୁଝିହେଲା। ଗତ ଦୁଇବର୍ଷତଳେ ହଠାତ୍ ଭୀଷଣ ବନ୍ୟା ଆସିଲା। ଗତ ୭୫ ବର୍ଷ ମଧ୍ୟରେ ଆଦୌ ଏପରି ବନ୍ୟା ହୋଇନଥିଲା। ସମଗ୍ର ଶ୍ରୀଝର ଆଶ୍ରମକୁ ଧୋଇ ନେଇଗଲା। ଅଳ୍ପ କିଛି ଆସବାବପତ୍ର ଧରି ମନୋଜ ଏବଂ ତାରା ଟିକିଏ ଉପରକୁ ଉଠିଯିବାରୁ ରକ୍ଷା ପାଇଗଲେ। ତାଙ୍କର ସମସ୍ତ ବ୍ୟବହାର୍ଯ୍ୟ ବସ୍ତୁ ସହିତ ଗୋରୁ ଗାଈ ସବୁ ଭାସିଗଲେ। ରିଲିକ୍ସ ସେଣ୍ଟର ମଧ୍ୟ ତଳୁ ପୁରା ତାଡ଼ିହୋଇ ଗୋଟାଏ କଣକୁ ଅଣେଇ ହୋଇ

ରହିଗଲା। ତଳୁ ସବୁ ମାଟି ତାଡ଼ି ହୋଇଗଲା। ଏପର୍ଯ୍ୟନ୍ତ ଯେତେ ରିଲିକ୍ସ ସେଣ୍ଟର ଅଛନ୍ତି, ଏତେ ବନ୍ୟା, ବାତ୍ୟାରେ ମଧ୍ୟରେ ଏପରି ଦୁର୍ବିପାକ କୌଣସିଠାରେ ହୋଇନାହିଁ। ମାତ୍ର ଏଠାରେ ଏପରି ଘଟିବାର ସମ୍ଭାବନାଥିବାରୁ ବୋଧହୁଏ ପ୍ରଭୁ ଆସିନଥିଲେ ଏବଂ ବାରିଝୋଲା ଯିବାବାଟରେ ଅଳ୍ପ ସମୟ ପାଇଁ ହେଉ ପଛେ ତା'ଉପରେ ରେଲିକ୍ସ ରଖାଯାଇଥିବା ଯୋଗୁଁ ବୋଧହୁଏ ପୁରା ତାଡ଼ି ନହୋଇ ଅଳ୍ପକେ ରହିଗଲା।

ତେଣୁ ଏ ବିଶ୍ୱାସ ଆମର ରହିବା ସବୁଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ। ତା' ବ୍ୟତୀତ ଯେଉଁସ୍ଥାନକୁ ଆସିଲେ ମଧ୍ୟ ଓଡ଼ିଶାକୁ ତ ଆସୁଛନ୍ତି ତେଣୁ ସ୍ୱାଭାବିକ ଭାବରେ ଖୁସୀ ହେବା କଥା। ଆମର ଯେଉଁଦିନ ଆସୁଛନ୍ତି ଆସନ୍ତୁ।

ଏ ହେଲା ଗୋଟିଏ ଦିଗର ବିଚାର। ଅନ୍ୟଦିଗର ବିଚାର ହେଲା- ରେଲିକ୍ସ ନେବା ନିମନ୍ତେ ଆଉ ଗୋଟିଏ ସାବଧାନତା ଦରକାର। ତାହାହେଲା ଆମ ଭିତରର ପ୍ରସ୍ତୁତି। ଅତୀତରେ ଅନେକ ସ୍ଥାନରେ ଦେଖାଯାଇଛି ଯେ ରେଲିକ୍ସ ଆଣିବା ସମୟରେ ଅନେକ ଆନନ୍ଦ, ଆଗ୍ରହ, ଉତ୍ସାହରେ ରେଲିକ୍ସ ଅଣାଯାଆନ୍ତି ଏବଂ ଠିକ୍ ପରେ ପରେ ପ୍ରଚଣ୍ଡ ବିଶୃଙ୍ଖଳା। ବାସ୍ତବିକ ରେଲିକ୍ସ ଯେଉଁ ଶକ୍ତି ତାକୁ ସମ୍ମୁଖୀନ ହେବାପାଇଁ ସାମର୍ଥ ନରଖି କେବଳ ଏକ ବାହ୍ୟ ଆଚରଣରେ ପ୍ରସ୍ତୁତ ହେବା ଯଥେଷ୍ଟ ନୁହେଁ। ଆଉ ଗୋଟିଏ ବିଚାର ହେଲା- ରେଲିକ୍ସଙ୍କର ବ୍ୟବହାର। ଆମେ ତାଙ୍କୁ କିପରି ନିଜର ଜୀବନରେ ବ୍ୟବହାର କରିବୁ - ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯଦି ଆମ ଗାଁକୁ ଇଲେକ୍ଟ୍ରିକ୍ ଯାଏ ହୁଏତ ଗାଁ ଦାଣ୍ଡ ଆଲୋକିତ ହେବ ମାତ୍ର ଆମ ଘର ଆଲୋକିତ ହେବାପାଇଁ ଦାୟିତ୍ୱ ଆମେ ନେବା ଉଚିତ। ଆମ ଘରକୁ ସ୍ୱତନ୍ତ୍ର ସଂଯୋଗ ଦରକାର। ତେଣୁ ନିଜେ ନିଜକୁ ଆଲୋକିତ କରିବା ପାଇଁ ସମାଧି ସହିତ ଏକ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିବାକୁ ହେବ। ଗାଁରେ କଲେଜ ଖୋଲିଲେ ଯେପରି ସମସ୍ତେ ଗ୍ରାଜୁଏଟ ହୋଇଯିବେନି, ସମସ୍ତଙ୍କୁ ନିଶ୍ଚୟ କଲେଜରେ ନାମ ଲେଖାଇବାକୁ ହେବ, ପାଠପଢ଼ି, ପରୀକ୍ଷା ଦେଇ, ପାସ୍ କରିବାକୁ ହେବ ତେବେ ଯାଇଁ ଗ୍ରାଜୁଏଟ୍ ବୋଲେଇବେ ଠିକ୍ ସେମିତି ରେଲିକ୍ସଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିବା ଦରକାର ହେବ। ନଚେତ୍ ଆମପାଇଁ ଏହା ସାଧାରଣ ମନ୍ଦିର ସହିତ ସମାନ ଛଡ଼ା ଆଉ କିଛି ହେବନାହିଁ।

ଏ ସବୁକୁ ବିଚାର କଲେ- ପବିତ୍ର ଦେହାଂଶ ପାଇଁ ଆଦୌ ଭାବପ୍ରବଣ ନହୋଇ ନିଜ ନିଜ ଧାରାରେ ପ୍ରସ୍ତୁତ ହୋଇ କେବଳ ନିରବଚ୍ଛିନ୍ନ ଭାବରେ ପ୍ରାର୍ଥନା କଲେ ସେ ପୁଣି ନିଜେ ସିଦ୍ଧାନ୍ତ ନେଇ ପୁଣି କୋଉବାଟେ ଚାଲିଆସିବେ।

***ପ୍ରସାଦ ତ୍ରିପାଠୀ***

# ସଙ୍ଗଠନ ସମାଚାର

